୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.102 Bhubaneswar Monday May 27 2024 ୨୬ତମ ବର୍ଷ ସଂଖ୍ୟା–୧୦୨ ଭୁବନେଶ୍ୱର, ସୋମବାର, ମଇ ୨୭, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ନିମାପଡାରେ ଉତ୍ତେଜନା, ରାତିରେ ଥାନା ଘେରିଲେ ଶତାଧିକ ବିଜେଡ଼ି କର୍ମୀ



ଭୁବନେଶ୍ୱର,୨୬।୫(ପି.ଏନ); ରାତିରେ ନିମାପଡା ଥାନା ଘେରିଛନ୍ତି ଶତାଧିକ ବିଜେପି କର୍ମୀ। ପୁଲିସ୍ ?କବ୍ ?ଜାରେ ଥିବା ବିଜେପି କର୍ମକର୍ତ୍ତାଙ୍କୁ ଛାଡିବାକୁ ଅଡି ବସିଛନ୍ତି। ଏ ସମ୍ପର୍କରେ ଜାଣିପାରି ଥାନାରେ ପହଞ୍ଚି ଅଲୋଚ଼ନା କରୁଛନ୍ତି ବିଜେପି ବିଧାୟିକା ପ୍ରାର୍ଥୀ ପ୍ରଭାତୀ ପରିଡା। ଏବେ ମଧ ଉତ୍ତ ?ଜନା ଲାଗି ରହିଛି। ପିପିଲି ବିଧାୟକ ରୁଦ୍ର ମହାରଥୀ ଓ ତାଙ୍କର କିଛି ସମର୍ଥକ ଆଜି ସନ୍ଧ୍ୟା ବେଳେ ନିମାପଡା ନିର୍ବାଚ଼ନମଣ୍ଡଳୀକୁ ଯାଉଥିଲେ। ତେରୁଣ୍ଡିଆ ଗାଁର ଲୋକମାନେ ସେମାନଙ୍କୁ ଅଟକାଇଥିଲେ। କିନ୍ତୁ ପିପିଲି ବିଧାୟକ ଓ ତାଙ୍କ ସମର୍ଥକମାନେ ସେମାନଙ୍କ କଥା ଶୁଣିନଥିଲେ। ଯେଉଁଥିପାଇଁ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରବର୍ତ୍ତୀ ସମୟରେ ଠେଲାପେଲା ହୋଇଥିବା ଅଭିଯୋଗ ହୋଇଥିଲା। ତେବେ ଠେଲାପେଲ ଭିତରେ ??ଲା ମାଡ ହୋଇଥିବା ଅଭିଯୋଗ ହୋଇଥିଲା। ଯେଉଁଥିରେ ଗାଡି ଭାଙ୍ଗିଥିବା ଜଣାପଡିଛି।

### ଇଣ୍ଡିଆ ମେଂଟ ସହ କଂଗ୍ରେସ ଦଳ କେନ୍ଦ୍ର ଓ ରାଜ୍ୟରେ ସରକାର ଗଠନ କରିବ ବୋଲି ଡ. ଖୁଂଟିଆଙ୍କ ଦୃଢ଼ୋକ୍ତି

ଭୁବନେଶ୍ୱର, ୨୬।୫(ପି.ଏନ): ସାମ୍ପ୍ରତିକ ସାଧାରଣ ନିର୍ବାଚନରେ ବିଜେଡ଼ି ଓ ପ୍ରଧାନମନ୍ତ୍ରୀ ମୋଦୀ ଧର୍ମଜାତୀ ଆଧାରରେ ଭୋଟ ଜିତିବାକୁ ଉଦ୍ୟମ କରୁଥିଲେ ହେଁ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଦ୍ୱାରା ଉଠାଯାଇଥିବା ନିତ୍ୟ ବ୍ୟବହାର ଜିନିଷର ଦରଦାମ୍ ବୃଦ୍ଧି, ବ୍ୟୟ ରୋଜଗାରୀ, ସମ୍ବିଧାନ ସୁରକ୍ଷା, ଦାଦନ ଶ୍ରମିକ ଓ ପ୍ରବାସୀ ଶ୍ରମିକ ମୁଖ୍ୟ ପ୍ରସଙ୍ଗ ହୋଇଛି। ଓଡ଼ିଶା ସରକାରଙ୍କର ୨୫ ବର୍ଷ ଶାସନ ମଧ୍ୟରେ ରୋଜଗାର ସୃଷ୍ଟି ନକରିବା, ଭୂମିହିନଙ୍କୁ ଭୂମି, ଜମିହିନଙ୍କୁ ଜମି, ପ୍ରତ୍ୟେକ ଗ୍ରାମକୁ ସୁଧ ପାନୀୟ ଜଳ, ଗୃହ ଓ ରାସ୍ତା ଯୋଗାଇବା ପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଦେବା ପାଇଁ ବିଜେପି ଓ ବିଜେଡ଼ି ସରକାର ବିଫଳ ହୋଇଛନ୍ତି। ସାରା ଦେଶରେ ୧୦ ବର୍ଷର ବିଫଳତା ଓ ରାଜ୍ୟରେ ନବୀନ ସରକାର ୨୫ ବର୍ଷର ବିଫଳତା ହେତୁ ଇଣ୍ଡିଆ ମେଂଟର ସମସ୍ତ ପ୍ରାର୍ଥୀ ଓ କଂଗ୍ରେସ ଦଳର ଅଧିକାଂଶ ପ୍ରାର୍ଥୀ ଜିଣି କେନ୍ଦ୍ରରେ ସରକାର ଗଠନ କରିବାର ଆଶା ସୁଦୃଢ଼ ହୋଇଛି। ଏଣୁ ଓଡ଼ିଶାର ଶେଷ ପର୍ଯ୍ୟାୟ ୧ ତାରିଖରେ ହେବାକୁ ଥିବା ସମସ୍ତ କଂଗ୍ରେସ ଲୋକସଭା ଓ ବିଧାନସଭା ପାର୍ଥୀମାନଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ କଂଗ୍ରେସ ଦଳର ବରିଷ୍ଠ ନେତା ତଥା ଅଖିଳ ଭାରତ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଦସ୍ୟ ଡ. ରାମଚନ୍ଦ୍ର ଖୁଂଟିଆ ନିବେଦନ କରିଛନ୍ତି।

### ପ୍ରକାଶ ପାଇଲା +୨ କଳା, ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ

ଭୁବନେଶ୍ୱର,୨୬।୫(ପି.ଏନ): ଆଜି ଏକ ସଙ୍ଗେ ପ୍ରକାଶ ପାଇଛି +୨ କଳା, ବିଜ୍ଞାନ ଓ ବାଣିଜ୍ୟ ରେଜଲ୍ଟ। କଳାରେ ପାସ୍ ହାର ୮୦.୯୫% ଥିବା ବେଳେ ବିଜ୍ଞାନର ପାସ୍ ହାର ୮୬.୯୩ % ଓ ବାଣିଜ୍ୟର ପାସ୍ ହାର ୮୨.୨୭% ରହିଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷା ଫଳ ପ୍ରକାଶ ପାଇଛି।



### ଭି କେ ପାଣ୍ଡିୟାନଙ୍କ ପାରାଦୀପରେ ନିର୍ବାଚନ ପ୍ରଚାର ପରେ ବଢୁଛି ବିଜେଡି ଛିଡୁଛି ବିଜେପି

ପାରାଦୀପ,୨୬।୦୫(ପି.ଏନ): ଚଳିତ ସାଧାରଣ ନିର୍ବାଚନରେ ପାରାଦୀପ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଓ ବିଜେଡି ପ୍ରାର୍ଥିନୀ ଗୀତାଂଜଳୀଙ୍କ ମଧ୍ୟରେ □ତୀବ୍ର ପ୍ରତିଦ୍ୱନ୍ଦିତା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଜେପିର ଲୋକପ୍ରିୟତା ବଢିବା ପରିବ□ ତୀବ୍ର ଗତିରେ କମୁଛି ବୋଲି ଶୁଣିବାକୁ ମିଳୁଛି। ଅପରପକ୍ଷରେ ଚଳିତ ନିର୍ବାଚନରେ ପାରାଦୀପ ବିଧାନସଭା କ୍ଷେତ୍ରରେ ଜାତୀୟ କଂଗ୍ରେସର ପ୍ରାର୍ଥୀ ନିରଂଜନ ନାୟକଙ୍କ ପ୍ରତି ତୃଣମୂଳ ସ୍ତରରେ ସମର୍ଥନ ବୃଦ୍ଧି ପାଉଥିବା ଦେଖିବାକୁ ମିଳୁଛି। କିନ୍ତୁ ବିଜେପି ନେତାଙ୍କ ମିଛ ଭାଷଣବାଜି ଏବଂ ମିଥ୍ୟା ପ୍ରତିଶୃତି ସମ୍ପର୍କରେ ଲୋକମାନେ ଢେର ସଚେତନ ହେଲେଣି। ଓଡିଶା ଠାରୁ ନିମ୍ନରେ ଥିବା ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଓଡିଶାର ବିକାଶ ଚିଂ। କରିବା ଯେତିକି ହାସ୍ୟାସ୍ପଦ ଓଡିଶାକୁ ଏକ ନମ୍ବର ରାଜ୍ୟ କରିବା ପାଇଁ ବିଜେପି ଡବଲ୍ ଇଂଜିନ୍ ସରକାର ପାଇଁ ଭୋଟ ମାଗିବା ସେତିକି ଲଜ୍ୟାଜନକ। ଫଳରେ ସଚେତନ ଭୋଟର ବିଜେପ୍ରି ଦଳ ପ୍ରତି ଆସ୍ଥା ରଖି ପାରୁ ନାହାଁ। ଭି କେ ପାଣ୍ଡିୟାନଙ୍କର ପାରାଦୀପରେ ନିର୍ବାଚନ ପ୍ରଚାର କରିବା ପରେ ବିଜେଡିର କର୍ମୀମାନେ ଅତ୍ୟଧିକ ଉତ୍ସାହିତ ହୋଇଛନ୍ତି। ନିର୍ବାଚନ ପୂର୍ବରୁ ବିଜେଡି ଓ କଂଗ୍ରେସ୍ ଦଳ ଛାଡି ବିଜେପିରେ ଯୋଗ ଦେଇଥିବା ଅନେକ କର୍ମୀ ବିଜେପିର କାର୍ଯ୍ୟ ଦେଖି ଦଳ ପ୍ରତି ବିମୁଖ ହୋଇ ନିଜ ନିଜ ଦଳକୁ ଫେରୁଛନ୍ତି। ଏପରିକି ଗତ ୨୦୧୯ ମସିହାରେ ବିଜେପିର ମୁଖ୍ୟ ଦାୟିତ୍ୱରେ ଥିବା ସ୍ଥାନୀୟ ନେତା ବିଜେପିରୁ ବହିଷ୍କୃତ ହୋଇ ବିଜେପି ବିଧାୟକ ପ୍ରାର୍ଥୀଙ୍କୁ ହରାଇବା ପାଇଁ ଗୁପ୍ତ ରଣନୀତି ପ୍ରସ୍ତୁତ କରୁଥିବା ନେଇ ଶୁଣିବାକୁ ମିଳୁଛି।

### ମାଟ୍ରିକ ରେ ସଫଳତା ସାଉଁଟିଲେ ଚୁଡି ବିକାଳୀଙ୍କ ଝିଅ

କାକଟପୁର,୨୬।୫(ପି.ଏନ) :–ଲକ୍ଷ୍ୟ ସ୍ଥିର ଥିଲେ ଜୀବନରେ କୌଣସି ବାଧାବିଘ୍ନ କିମ୍ବା ଅଭାବୀ ପରିସ୍ଥିତି ସଫଳତା ଆଗରେ ମୁଣ୍ଡ ନୁଆଇଁ ଥାଏ, ଏହା ପ୍ରମାଣ କରିଛନ୍ତି ପିତା ରତ୍ନାକର ଓ ମା ସୁଭଦ୍ରା ପାତ୍ର ଙ୍କ ସୁଯୋଗ୍ୟ ସନ୍ତାନ କାକଟପୁର ଉଚ୍ଚ ବିଦ୍ୟାଳୟ ର ଦଶମ ଶ୍ରେଣୀ ଛାତ୍ରୀ ଗାୟତ୍ରୀ ପାତ୍ର କ୍ଷ ବାପା ଜଣେ ଦିବ୍ୟାଙ୍ଗ ତଥା ଚୁଡି ବ୍ୟବସାୟ କରି ପରିବାର ଚ଼ଳାଉଥିବା ବେଳେ, ଆର୍ଥିକ ଅନାଟନ ରେ ନିଜର ଧର୍ଯ୍ୟ ଓ ନିଷ୍ଠା, ଓ କଠିନ ଅଧ୍ୟବସାୟ ଫଳରେ ସେ ଆଜି ଦଶମ ବୋର୍ଡ ପରୀକ୍ଷା ରେ ୯୨ ପ୍ରତିଶତ ନମ୍ବର ରେ କୃତକାର୍ଯ୍ୟ ହୋଇ ଅଞ୍ଚଳ ପାଇଁ ତଥା ନିଜ ସ୍କୁଲ ପାଇଁ ଗୌରବ ଆଣିବା ସହିତ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି କ୍ଷ ଦିନକୁ ଦଶ ଘଣ୍ଟା ପରିଶ୍ରମ କରୁଥିବା ଗାୟତ୍ରୀ ଏହି ସଫଳତା ପାଇଁ ବାପା, ମା, ସ୍କୁଲ ଶିକ୍ଷକ, ଶିକ୍ଷୟିତ୍ରୀ, ବିଶେଷ କରି ଟିଉସନ କରି ଶେଷ ପର୍ଯ୍ୟନ୍ତ ଦେୟ ନେଉ ନଥିବା ଶିକ୍ଷକ ଙ୍କୁ ତାଙ୍କର ସମସ୍ତ ଶ୍ରେୟ ପ୍ରଦାନ କରିଛନ୍ତି କ୍ଷ ଭବିଷ୍ୟତ ରେ ଜଣେ ଡାକ୍ତର ହୋଇ ଲୋକମାନଙ୍କ ସେବା କରିବା ପାଇଁ ଲକ୍ଷ୍ୟ ରଖିଥିବା ଗାୟତ୍ରୀ ଆର୍ଥିକ ଅନାଟନ ଭିତରେ ଆଗକୁ କିପରି ଲକ୍ଷ୍ୟସ୍ଥଳ ରେ ପହଂଚ଼ିବେ ସେଥିପାଇଁ ନିରନ୍ତର ଚେଷ୍ଟା ଜାରି ରଖିଥିବା ବେଳେ, ସରକାର ଙ୍କ ଦ୍ୱାରା ଏହି କୃତୀ ଛାତ୍ରୀ ଙ୍କୁ ସାହାଯ୍ୟ ମିଳିଲେ ସେ ତାଙ୍କର ଲକ୍ଷସ୍ଥଳ ରେ ପହଂଚ଼ି ଲୋକ ମାନଙ୍କ ସେବା କରିପାରନ୍ତେ ବୋଲି କୁହନ୍ତି ତାଙ୍କର ଟିଉସନ ଶିକ୍ଷକ ପବିତ୍ର କୁମାର ଦୀକ୍ଷିତ।

### ନିଖୋଜ ଯୁବକ ଙ୍କ ଆତ୍ମହତ୍ୟା, ଶବ ଜବତ

କୁକୁଡାଖଣ୍ଡି (ଇପିଲି ପୂର୍ଣ୍ଣଚ଼ନ୍ଦ୍ର), ୨୬।୫(ପି.ଏନ)–ସଦର ଥାନା ଅନ୍ତର୍ଗତ ଲାଠି ମହୁଡା ରାସ୍ତା ରେ ଏକ ନିକଞ୍ଜନ ଘରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡିଛି। ମୃତକ ଜଣକ ହେଲେ ବ୍ରହ୍ମପୁର ଗଣେଶ ନଗର ୩ଲାଇନ ର ଏସ. ବେଣୁ। ଏନେଇ ସଦର ଥାନା ରେ ୧୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ଶବ ବ୍ୟବଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ପଠାଇଛି। ଏନେଇ ମୃତକ ଙ୍କ ସ୍ତ୍ରୀ ଏନେଇ ସଦର ଥାନା ରେ ସ୍ୱାମୀ ଙ୍କ ଶବ କୁ ଚ଼ିହ୍ନଟ କରିଛନ୍ତି। ମୃତକ ଜଣକ ୨୪ତାରିଖ ରୁ ନିଖୋଜ ଥିଲେ ତାଙ୍କ ଶବ ଲାଠି ରୋଡ଼ ରୁ ଉଦ୍ଧାର କରାଯାଇଥିବା ସଦର ଥାନା ଅଧିକାରୀ ସୂଚ଼ନା ଦେଇଛନ୍ତି।

## ପ୍ରକାଶ ପାଇଲା ମାଟ୍ରିକ ପରୀକ୍ଷା ଫଳ

ଭୁବନେଶ୍ୱର,୨୬।୫(ପିଏନ): ପ୍ରକାଶ ପାଇଛି ମାଟ୍ରିପ ପରୀକ୍ଷା ଫଳ। ଛାତ୍ରଛାତ୍ରୀମାନେ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସଇ) ଓଡିଶା ୱେବସାଇଟକୁ ଯାଇ ନିଜ ନିଜର ରେଜଲ୍ଟ ଚେକ୍ କରିପାରିବେ। ଆଜି ମାଟ୍ରିକ ଓ ଯୁକ୍ତଦୁଇ ପରୀକ୍ଷା ଫଳ ପ୍ରକାଶ ପାଇବା ନେଇ ପୂର୍ବରୁ ସୂଚ଼ନା ଦିଆଯାଇଥିଲା। ପ୍ରାର୍ଥୀମାନେ http://www.bseodisha.ac.in/ ଓ https://odisha.indiaresults.com/ ୱେବସାଇଟକୁ ଯାଇ ସକାଳ ୧୧.୩୦ ସମୟରେ ରେଜଲ୍ଟ ଜାଣି ପାରିବେ। ଛାତ୍ରଛାତ୍ରୀମାନେ ୱେବସାଇଟକୁ ଯାଇ ପରୀକ୍ଷା ଫଳ ଚେକ୍ କରିବା ସହିତ ବିଦ୍ୟାଳୟର ଇ–ସ୍ୱ ?ସ୍ ଓ ଡିଜିଲକର ମାଧ୍ୟମରେ ମଧ ଜାଣିପାରିବେ। ଏଥିସହିତ ପରୀକ୍ଷାର୍ଥୀମାନେ ୫୬୭୬୭୫୦ ନମ୍ବରକୁ ଏସଏମଏସ କରି ମଧ ଫଳ ଜାଣିପାରିବେ। ଗୋଟିଏ ଦିନରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚ଼ଳିତ ବର୍ଷ ପାସ୍ ହାର ୯୬.୦୭ ପ୍ରତିଶତ ରହିଛି। ପୁଅଙ୍କ ଅପେକ୍ଷା ଝିଅଙ୍କ ପାସ୍ ହାର ଅଧିକ ରହିଛି। ଛାତ୍ରୀଙ୍କ ପାସ ହାର ୯୬.୭୩ ପ୍ରତିଶତ ଓ ଛାତ୍ରଙ୍କ ପାସହାର ୯୫.୩୯ ପ୍ରତିଶତ ରହିଛି। ଖୋର୍ଦ୍ଧାରେ ପାସ୍ ହାର ୯୭.୯୮ ପ୍ରତିଶତ, କଟକରେ ୯୭.୫୮ ପ୍ରତିଶତ, ଢେଙ୍କାନାଳରେ ୯୫.୧୨ ପ୍ରତିଶତ, ପୁରୀରେ ୯୬.୭୬ ପ୍ରତିଶତ, ଜଗତସିଂହପୁରରେ ୯୭.୬୦ ପ୍ରତିଶତ ଓ ବାଲେଶ୍ୱରରେ ୯୬.୧୦ ପ୍ରତିଶତ ରହିଛି। ଯେଉଁ ସ୍ଥାନମାନଙ୍କରେ ଇଣ୍ଟରନେଟର ସୁବିଧା ନଥିବା ସେଠାରେ ଛାତ୍ରଛାତ୍ରୀମାନେ ଓଆର ୧୦ ସ୍ୱ ?ସ୍ ରୋଲ ନମ୍ବର ଟାଇପ୍ କରି ଉପରେ ଦିଆଯାଇଥିବା ନମ୍ବରକୁ ମେସେଜ୍ କରି ପରୀଫା ଫଳ ଜାଣିପାରିବେ। ଆସନ୍ତା ୨୯ରୁ ଜୁନ୍ ୧୨ ମଧ୍ୟରେ ପ୍ରାର୍ଥୀମାନେ ଖାତା ରିଚେକିଂ ପାଇଁ ଆବେଦନ କରିପାରିବେ।

## ୨୮ରେ ଆସିବେ ଶାହ, ୨୯ରେ ମୋଦି

ଭୁବନେଶ୍ୱର,୨୬।୫(ପିଏନ):ଓଡିଶାରେ ପୁଣି ମାରାଥନ୍ ପ୍ରଚ଼ାର କରିବେ ପ୍ରଧାନମନ୍ତ୍ରୀ ମୋଦି। ଆସନ୍ତା ୨୯ ତାରିଖରେ ବାରିପଦା, ବାଲେଶ୍ୱର ଓ କେନ୍ଦ୍ରାପଡାରେ ଜନସଭାକୁ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ। ୨୯ ତାରିଖ ଦିନ ୧୨ଟାରେ ବାରିପଦା ଛଉ ପଡିଆରେ ମୋଦିଙ୍କ ପ୍ରଥମ ସଭା ରହିଛି। ଏହାପରେ ସାଢ଼େ ଗୋଟାଏରେ ବାଲେଶ୍ୱରରେ ଓ ସାଢେ ୩ଟାରେ କେନ୍ଦ୍ରାପଡାରେ ବିଶାଳ ଜନସଭାକୁ ମୋଦି ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ମୋଦି ଆସିବା ପୂର୍ବଦିନ ଗୃହମନ୍ତ୍ରୀ ଅମିତ ଶାହ ଓଡିଶା ଆସିବେ। ୨୮ତାରିଖରେ ଗୃହମନ୍ତ୍ରୀଙ୍କ ୩ଟି ସଭା କାର୍ଯ୍ୟକ୍ରମ ରହିଛି। ଦିନ ୧୦ଟାରେ ଚ଼ାନ୍ଦବାଲିରେ କରିବେ ପ୍ରଥମ ସଭା।



ପରେ କୋରେଇ ଓ ନିମାପଡାରେ ଜନସଭାକୁ ସମ୍ବୋଧନ କରିବେ ଶାହ। ଏପଟେ ଆସନ୍ତାକାଲି ୨ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ଆସାମ ମୁଖ୍ୟମନ୍ତ୍ରୀହିମନ୍ତ ବିଶ୍ୱଶର୍ମା। ଏହି ୨ ଦିନରେ ସେ ୮ଟି ସ୍ଥାନରେ ପ୍ରଚ଼ାର କରିବେ। ଆସନ୍ତାକାଲି ଭଦ୍ରକ, ଯାଜପୁର, କେନ୍ଦ୍ରାପଡା ଓ କାକଟପୁରରେ ପ୍ରଚ଼ାର କରିବେ ବିଶ୍ୱଶର୍ମା।

### ୨୯ରେ ଆସିବେ ଖଡ଼୍‌ଗେ, ୩୦ରେ ରାହୁଲ ଗାନ୍ଧି



ଭୁବନେଶ୍ୱର,୨୬।୫(ପି.ଏନ): ନିର୍ବାଚ଼ନ ପ୍ରଚ଼ାର ପାଇଁ ପୁଣି ଥରେ ଓଡିଶା ଆସୁଛନ୍ତି କଂଗ୍ରେସ ଅଧକ୍ଷ ମଲ୍ଲିକାର୍ଜୁନ୍ ଖଡ଼ଗେ ଓ ସାଂସଦ ରାହୁଲ୍ ଗାନ୍ଧି। ଖଡ଼ଗେ ଦୁଇଟି ସଭା କରିବେ ଓ ରାହୁଲ ଗୋଟିଏ ଜନସଭାରେ ଉଦ୍‌ବୋଧନ ଦେବେ। ଏନେଇ ସୂଚ଼ନା ଦେଇଛନ୍ତି ରାଜ୍ୟ କଂଗ୍ରେସ ପ୍ରଭାରୀ ଅଜୟ କୁମାର।

### ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତ ପ୍ରତିଶତ ସଫଳତା

ପାରାଦୀପ,୨୬।୦୫(ପି.ଏନ): ଶନିବାର ଦିନ ଚଳିତ ବର୍ଷର ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ପାରାଦୀପସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ମୋଟ ୧୬୩ ଜଣ ଛାତ୍ରଛାତ୍ରୀ ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ସଫଳତାର ସହ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିଛନ୍ତି। ବିଦ୍ୟାମନ୍ଦିରର ଛାତ୍ର ମୋହନସାଇ ଦାସ ଏବଂ ଦିବ୍ୟପ୍ରକାଶ ଦଳାଇ ଏ୧ ଗ୍ରେଡ୍‌ରେ ପାସ୍ କରିବା ସହିତ ୯୦ ପ୍ରତିଶତ ନମ୍ବର ରଖି ପାସ୍ କରିଛନ୍ତି। ଏହି ଦୁଇ ଛାତ୍ର ମୋଟ୍ ୬୦୦ ନମ୍ବରରୁ ୫୪୦ ନମ୍ବର ରଖି ଥିବା ନେଇ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନ ସୂଚନା ଦେଇଛନ୍ତି। ଛାତ୍ରୀ ଅସୀମା ଶତପଥି ୫୨୮, ସୌମ୍ୟରଂଜନ ସାହୁ ୫୦୬, ଜ୍ୟୋତିରଂଜନ ଲେଙ୍କା ୫୦୦ ନମ୍ବର ରଖିଛନ୍ତି। ଏ୨ରେ ୮ଜଣ, ବି–୧ରେ ୨୭ଜଣ, ବି–୨ରେ ୫୦ଜଣ, ସି ଗ୍ରେଡ୍‌ରେ ୫୦ଜଣ, ଡି ଗ୍ରେଡ୍‌ରେ ୨୨ଜଣ, ଇ ଗ୍ରେଡ୍‌ରେ ୪ଜଣ ପାସ୍ କରିଥିବା ନେଇ ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ବିଦ୍ୟାମନ୍ଦରିର ପ୍ରଧାନ ଆଚାର୍ଯ୍ୟ ଶ୍ରୀ ପ୍ରଧାନ, ସହ ପ୍ରଧାନ ଆଚାର୍ଯ୍ୟା ମମତା କର ଙ୍କ ସମେତ ଅନ୍ୟ ଗୁରୁଜୀଗୁରୁମା ଅଭିନନ୍ଦନ ଜଣାଛନ୍ତି। ଚଳିତ ବର୍ଷ ଜଗତସିଂହପୁର ଜିଲ୍ଲାରେ ପାସ୍ ହାର ସର୍ବାଧିକ ୯୭.୬୦ ପ୍ରତିଶତ ଯାହାକି ରାଜ୍ୟରେ ସର୍ବାଧିକ ବୋଲି ଜଗତସିଂହପୁର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀରଂଜନ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ : ଲଗାତର ୧୭ବର୍ଷ ଧରି କିସ୍‌ର ଶତ ପ୍ରତିଶତ ସଫଳତା

ଭୁବନେଶ୍ୱର, ୨୬।୫: ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ସମଗ୍ର ଓଡ଼ିଶାରେ ପାସ୍ ହାର ୯୬.୭% ରହିଥିବା ବେଳେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)ର ଫଳାଫଳ ଶତ ପ୍ରତିଶତ ହୋଇଛି। କିସ୍ ଆରମ୍ଭରୁ ଲଗାତର ୧୭ବର୍ଷ ଧରି ଏହାର ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଆସୁଛନ୍ତି। ଚଳିତ ବର୍ଷ ସ୍କୁଲ୍‌ର ମୋଟ ୨୦୦୮ ଛାତ୍ରଛାତ୍ରୀ



ମାଟ୍ରିକ୍ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୪୦ପ୍ରତିଶତ ଛାତ୍ରଛାତ୍ରୀ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବାକି ଛାତ୍ରଛାତ୍ରୀ ୫୦ ପ୍ରତିଶତରୁ ଅଧିକ ନମ୍ବର ରଖି ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କିସ୍ ଛାତ୍ର ସାଗୁନ ଟୁଡୁ ସର୍ବାଧିକ ୫୪୦ ନମ୍ବର ରଖି ସ୍କୁଲ୍ ଟପ୍‌ପର ହୋଇଛନ୍ତି। କିସ୍‌ର ସଉରା, ବଣ୍ଡା, ଜୁଆଙ୍ଗ, ଖଡ଼ିଆ, ଲୋଧା, ପାଉଡ଼ି ଭୂୟାଁ ଆଦି ଅତି ଦୁର୍ବଳ ଜନଜାତିବର୍ଗର ୫୦ଜଣ ଛାତ୍ରଛାତ୍ରୀ ମଧ ଏଥର ଭଲ ପ୍ରଦର୍ଶନ କରିଛନ୍ତି। ଖୁସିର କଥା ଚଳିତବର୍ଷ ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ରାଜ୍ୟରୁ ଆସି କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀମାନେ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖି ସଫଳତା ହାସଲ କରିଛନ୍ତି। କିସ୍ ଫଳାଫଳ ନେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ମାଟ୍ରିକ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ସାମନ୍ତ କହିଛନ୍ତି, କିସ୍‌ର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଓ ସମୟକୁ ସମୟ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଏବଂ ଛାତ୍ରଛାତ୍ରୀମାନଙ୍କ ଅକ୍ଳାନ୍ତ ପରିଶ୍ରମ କିସ୍‌କୁ ଏହି ସଫଳତା ଆଣିଦେଇଛି। ଏଥିପାଇଁ ଶ୍ରୀ ସାମନ୍ତ କିସ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ଅଦମ୍ୟ ଉଦ୍ୟମ ଓ ଛାତ୍ରଛାତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଗାଁ ଟଙ୍କା ଖାଇଲା କିଏ ? ପ୍ରଶ୍ନ ଶୁଣି ଝାଳନାଳ ହେଲେ ବିଜୟ ମହାପାତ୍ରଙ୍କ ପୁଅ

ଭୁବନେଶ୍ୱର,୨୬।୫(ପି.ଏନ): ୨୪ ବର୍ଷରେ କ'ଣ କରିଛ ପଞ୍ଚାୟତ ବିକାଶ ପାଇଁ ଆସିଥିବା ଟଙ୍କା କୁଆଡ ଗଲା ଖାଇଲା କିଏ ? ଗାଁ ଲୋକଙ୍କଠାରୁ ଏପରି ନାନା ପ୍ରଶ୍ନ ଶୁଣି ଝାଳନାଳ ହେଲେ ଭେଟ୍‌ରାନ୍ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦ ମହାପାତ୍ର ! ନିର୍ବାଚ଼ନ ପ୍ରଚ଼ାର ପାଇଁ ଯାଇଥିବା ବେଳେ ଗାଁ ଲୋକେ ତାଙ୍କୁ ପ୍ରଶ୍ନ ପଚ଼ାରିବା ସହ ପ୍ରାୟ ୨ ଘଣ୍ଟାରୁ ଅଧିକ ସମୟ ଧରି ଅଟକାଇ ଦେଇଥିଲେ। ଶେଷରେ ସେ ପ୍ରତିଶ୍ରୁତି ଦେଇ ମୁକୁଳିଥିବା ଚ଼ର୍ଚ୍ଚା ହେଉଛି। ଯାହାର ଭିଡିଓ ଏବେ ସୋଶାଲ୍ ମିଡିଆରେ ଭାଇରାଲ୍ ହେଉଛି। କେନ୍ଦ୍ରାପଡା ଜିଲ୍ଲା ପାଟକୁରା ନିର୍ବାଚ଼ନମଣ୍ଡଳୀର



ବିଜେଡି ବିଧାୟକ ପ୍ରାର୍ଥୀ ହେଉଛନ୍ତି ଅରବିନ୍ଦ ମହାପାତ୍ର। ଶନିବାର ସେ ଓ ତାଙ୍କ ସମର୍ଥକମାନେ ଡେରାବିଷି ଅଞ୍ଚଳରେ ପ୍ରଚ଼ାର କରୁଥିଲେ। ସଭା ସମିତି କରି ଲୋକଙ୍କୁ ଭୋଟ୍ ଭିକ୍ଷା କରୁଥିଲେ। ସନ୍ଧ୍ୟା ବେଳେ ସେ ରଘୁଦେଇପୁର ପଞ୍ଚାୟତକୁ ଯାଇଥିଲେ। ସେହି ସମୟରେ ଗାଁର ଶତାଧିକ ପୁରୁଷ, ମହିଳା ଓ ଏସ୍‌ଏଚ୍‌ଜି ସଭ୍ୟାମାନେ ତାଙ୍କୁ ଘେରି ଯାଇଥିଲେ। ସିଧାସିଧା ଶୁଣାଇ ଦେଇଥିଲେ। ଆମେ ବିଜେଡିକୁ ଭୋଟ୍ ଦେବୁନୁ। ତୁମେମାନେ ସବୁ ଫେରିଯାଆ। ଏହାଛଡା ଗତ ୨୪ ବର୍ଷର ହିସାବ ମାଗିଥିଲେ। ହେଲେ ଅରବିନ୍ଦ କୌଣସି ସନ୍ତୋଷ ଜନକ ଉତ୍ତର ଦେଇପାରିନଥିଲେ।

## ରାଜ୍ୟର ତୃତୀୟ ପର୍ଯ୍ୟାୟରେ ୭୪.୪୫ ପ୍ରତିଶତ ମତଦାନ: ସମ୍ବଲପୁରରେ ଅଧିକ, ଭୁବନେଶ୍ୱରରେ କମ୍ ?

ଭୁବନେଶ୍ୱର,୨୬।୫(ପି.ଏନ): ରାଜ୍ୟରେ ଗତ ୨୫ ତାରିଖ ଦିନ ତୃତୀୟ ପର୍ଯ୍ୟାୟରେ ୬ଟି ଲେକସଭା କ୍ଷେତ୍ର ଓ ଏହାର ଅଧୀନ ୪୨ଟି ବିଧାନସଭା ନିର୍ବାଚ଼ନ ମଣ୍ଡଳୀରେ ମତଦାନ ହୋଇଛି। ଏହି ପର୍ଯ୍ୟାୟରେ ୭୪.୪୫ ପ୍ରତିଶତ ମତଦାନ ହୋଇଥିବା ନେଇ ରାଜ୍ୟ ମୁଖ୍ୟ ନିର୍ବାଚ଼ନ ଅଧିକାରୀଙ୍କ ତରଫରୁ ସୂଚ଼ନା ମିଳିଛି। ସମ୍ବଲପୁରରେ ସର୍ବାଧିକ ୭୯.୫୦ ପ୍ରତିଶତ ମତଦାନ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ୬୪.୪୯ ପ୍ରତିଶତ ମତଦାନ ହୋଇଛି। ସେହିପରି କେନ୍ଦୁଝରରେ ୭୮.୯୭, ଢେଙ୍କାନାଳରେ ୭୮.୦୧, କଟକରେ ୭୧.୨୦ ଓ ପୁରୀରେ ୭୫.୪୯ ପ୍ରତିଶତ



ମତଦାନ ହୋଇଛି। ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଶେଷ ସୁଦ୍ଧା ପୋଷ୍ଟାଲ ବାଲାଟ ମାଧ୍ୟମରେ ପ୍ରାୟ ୯୪ ହଜାର ମତଦାନ ହୋଇସାରିଛି। ଏହା ମଧ୍ୟରେ ୮୫ ବର୍ଷ ବୟସରୁ ଉର୍ଦ୍ଧ୍ୱ ବରିଷ୍ଠ ମତଦାତା ଓ ଭିନ୍ନକ୍ଷମ ମତଦାତାମାନେ "ହୋମ୍ ଭୋଟିଙ୍ଗ୍' ମାଧ୍ୟମରେ ମତଦାନ କରୁଥିବାବେଳେ ଅତ୍ୟାବଶ୍ୟକ ସେବାରେ ନିଯୋଜିତ କର୍ମଚ଼ାରୀ ପିଭିସିରେ ଓ ନିର୍ବାଚ଼ନ କାର୍ଯ୍ୟରେ ନିୟୋଜିତ କର୍ମଚ଼ାରୀ ପିବିଏଫ୍ସ ମାଧ୍ୟମରେ ମତଦାନ କରିଛନ୍ତି ?ବୋଲି ଲୋକସମ୍ପର୍କ ଅଧିକାରୀ ବିନାୟକ ମିଶ୍ର ସୂଚ଼ନା ଦେଇଛନ୍ତି।






# ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଭଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜୈନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫଓ୍ୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥାନ୍ତି ହ୍ରିତିକ।

# ପୁରାଣ କାହାଣୀ

## ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା । ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି । ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି । ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି । ନୃତ୍ୟ ଶେଷରେ ମଧ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି । ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି । ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ । କଳାକ୍ରିଷ୍ଣା ମଧ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି । ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି । କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି । ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି । ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ । ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି । ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ । ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି ।


## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୁର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ

ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ । ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି । ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ । କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ । ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା । ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପଚାର କରାଯିବ । ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ । ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ ।

## 'କର୍ଫି'ର ଚିତ୍ରକର ଅମିତା






ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କର୍ଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କର୍ଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କର୍ଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।

## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ । ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ । ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ । ଏହା ମାଟିକୁ ଉର୍ବର କରେ ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ । ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ । ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ସ୍ୱାଧୀନତା ସଂଗ୍ରାମର ପିତାମହ-ତିଳକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ, ଯଶସ୍ୱୀ, ପ୍ରଜ୍ଞାପୁରୁଷ, ନିର୍ଭିକ ସାମ୍ବାଦିକ, ପ୍ରବୀଣ ରାଜନୀତିଜ୍ଞ, ସତ୍ୟନିଷ୍ଠ ଦେଶପ୍ରେମୀ, ପରମ ପୂଜ୍ୟ, ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥପ୍ରଦର୍ଶକ କେଶବ (ବାଲ୍) ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଈଙ୍କ କୋଳମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରଥମେ କେଶବ ନାମ ଥିଲା। ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ। ପିତାମହ ରାମଚନ୍ଦ୍ରଙ୍କଠାରୁ ବାଲ୍ ଗଙ୍ଗାଧର ୧୮୫୭ର ମହାନ୍ ବିପ୍ଳବ ବିଷୟରେ ଶୁଣିଥିଲେ। ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା। ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲାନାହିଁ। ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ। ଚିପଲୁଙ୍କର ନିବନ୍ଧମାଳାକୁ ତିଳକ ପୂର୍ଣ୍ଣସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା। ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧରଙ୍କୁ ପ୍ରଭାବିତ କରିଥିଲା। ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ। ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ। ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶବାସୀଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ। ତେଣୁ ଦୁଇ ବନ୍ଧୁ ଧାର୍ମିକ, ସାମାଜିକ ଓ ରାଜନୈତିକ ସଂଗଠନଗୁଡ଼ିକରେ ସକ୍ରିୟ ସଂପର୍କ ରକ୍ଷାକରିଥିଲେ। ଅଗରକର ଡେକାନ୍ କଲେଜରୁ ଏମ୍.ଏ. ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ। ଚିପଲୁ, ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ। ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ। ବିଦ୍ୟାଳୟ ପରିଦର୍ଶନରେ ହଂଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହଜନକ ଥିଲା। ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ। ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା। ସମିତି ସଭ୍ୟମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ। କେଶରୀର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠାର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ। ଉଭୟ ପତ୍ରିକା ମରାଠାମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା। ତିଳକ ଜାତୀୟ ଜନଜୀବନର ସମସ୍ୟାମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶରେ ମଧ୍ୟ ସହାୟକ ହୋଇଥିଲେ। ଅଗରକର ସମ୍ପାଦକ ପଦରୁ ଓହରିଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ। ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ। ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେକରିଥିଲେ। ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ। ଯଦି ସେ ପୁନଃବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ। ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ। ହିନ୍ଦୁଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ। ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତନକୁ ତିଳକ ବିରୋଧ କରୁଥିଲେ। ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ। ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ।

୧୮୮୫ ଡିସେମ୍ବର ୨୮ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା। ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶଗ୍ରହଣ କରି ମରାଠୀଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡ ରୁଲ' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସାଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣହାନୀ ଘଟିଲା। ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜମାନଙ୍କର ଚକ୍ଷୁଶୂଳ ହେଲେ। ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟି' ନାମକ ପୁସ୍ତକରେ ତିଳକଙ୍କୁ ସାଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ। ତାହା ଥିଲା ଦୁର୍ଭାଗ୍ୟଜନକ। ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ।

୧୮୯୧ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ, ତାହା ତାଙ୍କୁ ସର୍ବଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା। ୧୮୯୪ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋ ମନୋନୀତ ହେଲେ। ତା' ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ। ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ। ରାଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ। ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସଘାତକ ବୋଲି ଚିତ୍ରିତ ହେଲେ।

୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରାଷ୍ଟ୍ରରେ ଦେଖାଦେଲା। ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଦେବା ଆରମ୍ଭ କରିଦେଲେ। ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା। ୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା। ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ। ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ। ତିଳକ ନିଜ ପକ୍ଷରୁ ସ୍ୱେଚ୍ଛାସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ। ଏହି ସ୍ୱେଚ୍ଛାସେବୀମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ। ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣର ହାଉସ୍‌ରୁ ଏକ ରାତ୍ରିଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃତମାନେ ରେଣ୍ଡ ସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫ୍ଟନାଂଟ ଆୟବଟକୁ ହତ୍ୟା କରିଦେଲେ। ଏହି ଘଟଣାରେ ଦାମୋଦର ଚିପଲୁ ଫାଶୀଦଣ୍ଡ ପାଇଥିଲେ। ତିଳକ ନର୍ଦ୍ଦୋଷ ଥିଲେ ମଧ୍ୟ ପିଙ୍ଗଲ କୋଡ୍‌ର ୧୨୪ (କ) ଧାରାରେ ଅଭିଯୁକ୍ତ ହେଲେ। ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା। ଭାରତୀୟ ନେତାମାନେ ଆପତି ଉଠାଇଲେ। ସାଂସଦ ଉଇଲିୟମ୍ ହଂଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ। ଏହାପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟନେତା ଭାବରେ ସ୍ୱୀକୃତିଲାଭ କଲେ। ପୁନା ଜେଲ୍‌ରେ ବୈଦିକ ଆର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍' ପ୍ରକାଶ କରିଥିଲେ।

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇହଜାର ପ୍ରତିନିଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା। ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ଥିଲା। ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠୀବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ ତାରିଖରେ କଲିକତାରେ କହିଥିଲେ, ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ। ତୁମେ ଯଦି ସ୍ୱାଧୀନ ହେବାକୁ ଚାହଁ, ସ୍ୱାଧୀନ ହୋଇପାରିବ, ନଚେତ ସବୁଦିନ ପାଇଁ ପରାଧୀନ ରହିବ। ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ। ତେବେ ଇଂରେଜ ସରକାର ବିରୁଦ୍ଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ ! ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଦ୍ଧ ହୋଇ କରିପାରିବ ତ' କାଲି ତୁମେ ସ୍ୱାଧୀନ ହେବ। କଲିକତା ଅଧିବେଶନରେ ବଙ୍କିମ୍‌ଚନ୍ଦ୍ରଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା। ବର୍ମାରୁ ଜେଲ୍‌ଦଣ୍ଡ ଭୋଗ କରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ। ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା। ବିଶୃଙ୍ଖଳା ଚରମସୀମାରେ ପହଂଚିଲା। କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହିତ କରାଯାଏ। ତିଳକ ଓ ଲଜପତ ରାୟଙ୍କ ଭଳି ଉଗ୍ର ଜାତୀୟବାଦୀ କଂଗ୍ରେସ ସ୍ରୋତରୁ ଭିନ୍ନ ରହିଗଲେ। ତିଳକ ମିଳାମିଶା ପାଇଁ ପଦକ୍ଷେପ ନେଇଥିଲେ। ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମ୍ମିଳନୀ ଅକୋଲା ସହରରେ ଆୟୋଜନ କଲେ। ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର।

୧୯୦୮ରେ ପୁନାର ଏକ ଜନସଭାରେ ମଦ୍ୟପାନ ବିରୋଧରେ ସେ ସ୍ୱରଉତୋଳନ କରିଥିଲେ। ଗୋଖଲେ ଓ ଭଣ୍ଡାରକର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟ୍ରର ମଦଦୋକାନ ଆଗରେ ଆନ୍ଦୋଳନ କଲେ। ଏହି ସମୟରେ ମୁଜାଫରପୁରରେ ଜଜ୍ କିଙ୍ଗ୍‌ସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁବରଣ କରିଥିଲେ। କେଶରୀ ପତ୍ରିକାରେ 'ଦେଶ୍‌କା ଦୁର୍ଭାଗ୍ୟ' ଲେଖା ପାଇଁ ରାଷ୍ଟ୍ରଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ। ଦୁଇ ଅଭିଯୋଗ ପାଇଁ ତିନିବର୍ଷ ଜେଲ୍‌ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଟଙ୍କା ଅର୍ଥଦଣ୍ଡ। ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଥିଲେ ଏବଂ



ସଶ୍ରମ ଜେଲ୍‌ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡ ମିଳିଲା। ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ। ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ। ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତବ୍ୟକ୍ତ କରିଥିଲେ। ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତି ପାଇଁ ଆବେଦନ କରିଥିଲେ। ଆବେଦନ ନାମଂଜୁର ହୋଇଗଲା। ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ X ୧୨ଫୁଟ କାଠରେ ତିଆରି ଘରେ ରହୁଥିଲେ। ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ। କୁଲକର୍ଣ୍ଣ ଅସୁସ୍ଥ ହେଲେ, ତିଳକ ତାଙ୍କ ସେବା କରିଥିଲେ। ମାଣ୍ଡାଲେଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ। ତାଙ୍କର ଗବେଷଣାମୂଳକ କୃତି 'ଦି ଓରିୟନ' ଥିଲା। ମାଣ୍ଡାଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ। ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ। ପତ୍ନୀଙ୍କ ମୃତ୍ୟୁପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ। ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧ୍ୟକ୍ଷଙ୍କଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ। ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକଓ୍ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ। ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢସଂକଳ୍ପ ତାଙ୍କୁ ମୁକ୍ତି ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା। ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଚଂଚଳ ହୋଇପଡ଼ିଲେ। ତାଙ୍କର ପ୍ରିୟ ଜାତୀୟ ଦଳକୁ ପୁନର୍ଜୀବିତ କରିବାକୁ ଲାଗିପଡ଼ିଲେ। ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ। ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ। ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀ ଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନ କରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ। ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ। ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ। ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଂଟି ମାଗିଲେ। ଓକିଲ ମହମ୍ମଦ ଅଲ୍ଲି ଜିନ୍ନାଙ୍କ ମାଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟୀ ହେଲେ। ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ। ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା। ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢିବାକୁ ସଂକଳ୍ପ ନେଲେ। ଏକତ୍ରିତ କରିବାରେ ମୁଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ। ତିଳକ ଜନ୍ମଦିନରେ ଏକଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ। ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୟରେ ସରକାର ମଂଟେଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା। ଶାସନକୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତ ବ୍ୟାପାର ମନ୍ତ୍ରୀ ମଂଟେଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ। ଚେମ୍‌ସଫୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତାମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଂଟେଗୁ ଚେମ୍‌ସ-ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା। ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହା ଦେବ, ଆମେ ସ୍ୱୀକାର କରିବା ଏବଂ ଯାହା ନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା। ରାଜନୀତିରେ ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା। ସମ୍ବାଦପତ୍ରରେ ଭାରତର ମୁକୁଟବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ। ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବାକୁ ଚାହୁଁଥିଲେ। 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ। ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା। ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ। ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ। ଇଂଲଣ୍ଡରେ ଏକବର୍ଷ ରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରି ରଖିଲେ। ଆମେରିକା ରାଷ୍ଟ୍ରପତି ଉଇଲସନ ଗଣତନ୍ତ୍ର, ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ। ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା। ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ। ୧୯୧୯ ଫେବୃୟାରୀ ୨୫ରେ ତିଳକ 'କେକସ୍‌ଟନ୍ ହଲ୍'ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ। ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ'ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ। ପୋଲକ ସ୍ଥାନରେ ଏନ.ସି. କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ। ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ। ଉଭୟଙ୍କ ଶ୍ରଦ୍ଧା, ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି। ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ। ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମାଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ, ନେହରୁ ଆଦି ନେତାମାନେ କାନ୍ଧରେ ବହ୍ନେ ଚୌପାଠୀ ଶ୍ମଶାନ ଅଭିମୁଖେ ନେଲେ। ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା। ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ। ତିଳକ ଥିଲେ ନବଭାରତର ନିର୍ମାତା। ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ। ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ।

# ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ ରାଜରାସ୍ତାକୁ ଓହ୍ଲାଇଲେ ଜନସାଧାରଣ



ଯୋଡା (ପିଏନ୍): ଯମ ଯନ୍ତ୍ରଣାରୁ ରକ୍ଷା ପାଇବା ପାଇଁ ବହୁବାର ଅନୁରୋଧ କରିବା ସତ୍ତ୍ୱେ ଫ୍ଲାଇଓଭର ନିର୍ମାଣକାରୀ ଠିକା ସଂସ୍ଥା ଚେଭ୍‌ରୋକ୍ସ କମ୍ପାନୀ ଯୋଡାବାସୀଙ୍କର ଦୁଃଖକୁ ହୃଦୟଙ୍ଗମ କରୁନଥିବାରୁ ଅତିଷ୍ଠ ହୋଇ ଶେଷରେ ସେମାନେ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ହେବ ଫ୍ଲାଇଓଭର ନିର୍ମାଣକାର୍ଯ୍ୟ ଚାଲୁ ରହିଥିବା ବେଳେ ସରକାରୀ ନିୟମ ଅନୁଯାୟୀ ଲୋକମାନଙ୍କର ଯାତାୟତରେ କୌଣସି ବାଧା ସୃଷ୍ଟି ନହେବା ପାଇଁ ଦୁଇ ପାର୍ଶ୍ୱରେ ପ୍ରଥମେ ସର୍ଭିସ୍ ରୋଡ ନିର୍ମାଣ କରିବାର ପ୍ରାବଧାନ ରହିଛି। ଏହି ସର୍ଭିସ୍ ରୋଡ ନିର୍ମାଣ ନିମନ୍ତେ କମ୍ପାନୀକୁ ସରକାରଙ୍କ ତରଫରୁ ଅଧିକ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଥାଏ। ଏହି ଅର୍ଥକୁ କାମରେ ନଲଗାଇ ଆତ୍ମସାତ୍ କରିବାକୁ କମ୍ପାନୀ ମସୁଧା କରିଥିବାବେଳେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହାର ପ୍ରତିବାଦରେ ଅଞ୍ଚଳବାସୀ ଆଜି ସକାଳୁ ଏକତ୍ରିତ ହୋଇ କୁମାର ଯୋଡା ନିକଟରେ ରାସ୍ତା ଅବରୋଧ କରିଥିବା ଦେଖିବାକୁ ମିଳିଛି। ଲୋକଙ୍କ ଅଭିଯୋଗ ମୁତାବକ ଠିକା ସଂସ୍ଥା ଓ ସ୍ଥାନୀୟ ପ୍ରଶାସନର ମଧୁଚନ୍ଦ୍ରିକାରେ ଏଭଳି ଅମାନୁଷିକ କାର୍ଯ୍ୟ ଦୀର୍ଘ ଦୁଇ ବର୍ଷ ହେବ ଚାଲିଆସୁଛି। ଯୋଡା ସହର ମଧ୍ୟ ଦେଇ ଯାଇଥିବା ୨ ନମ୍ବର ରାଜ୍ୟ ରାଜପଥ ଏବେ ମରଣଯନ୍ତା ପାଲଟିଛି। ଏହି ରାସ୍ତା ଦେଇ ପ୍ରତିଦିନ କୋଟି କୋଟି ଟଙ୍କାର ଖଣିଜ ପରିବହନ ହୋଇଥାଏ। ଉଗ୍ର ଗାଡିଚାଳନା ଓ ନିଶ୍ଚିତ ବିପଦରୁ ରକ୍ଷାପାଇବା ପାଇଁ ବହୁ ଦିନରୁ ଏକ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଦାବି ହୋଇଆସୁଥିଲା। ରାଜ୍ୟ ତଥା କେନ୍ଦ୍ର ସରକାର ଏହାକୁ ଗୁରୁତର ସହିତ ବିଚାରକୁ ନେଇ ରଣାଶାଳ ଘାଟି ଠାରୁ କୁମାର ଯୋଡା ପର୍ଯ୍ୟନ୍ତ ୨୦୨୧ ମସିହାରେ ଫ୍ଲାଇଓଭର୍ ନିର୍ମାଣ ନିମନ୍ତେ ଅନୁମତି ଦେଇଛନ୍ତି। ଏହି କାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ଓଡିଶା ବ୍ରିଜ କନ୍‌ଷ୍ଟ୍ରକ୍‌ସନ୍ (ଓବିସିସି) କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଓବିସିସି ଏହି ଫ୍ଲାଇଓଭର ନିର୍ମାଣ ପାଇଁ ଚେଭ୍‌ରୋକ୍ସ ନାମକ ଏକ ଠିକା ସଂସ୍ଥାକୁ ଦେଇଥିବା ଜଣାପଡିଛି। ଅସରାଏ ବର୍ଷାରେ ରାସ୍ତା ଉପରେ ପାଣି ଲହଡି ମାରିବା ସହିତ ଆଣ୍ଠୁଏ କାଦୁଅ ଭରିଯାଉଛି। ଏହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ବିଭିନ୍ନ ବସ୍ତିକୁ ସଂଯୋଗ କରୁଥିବା ରାସ୍ତାଗୁଡିକ ମଧ୍ୟ ଆଣ୍ଠୁଏ କାଦୁଅରେ ଭରିଯାଉଛି। ମୁଖ୍ୟ ରାସ୍ତାର ଦୁଇ କଡରେ ସ୍କୁଲ, ଡାକ୍ତରଖାନା, ବ୍ୟାଙ୍କ ଇତ୍ୟାଦି ଥିବାବେଳେ ଲୋକମାନେ ଯାତାୟାତ କରିବା ସମ୍ଭବ ହୋଇପାରୁନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର କୋମଳମତି ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯାଇଥା'ନ୍ତି। କିନ୍ତୁ ବିଡମ୍ବନାର ବିଷୟ କମ୍ପାନୀ କର୍ତ୍ତୃପକ୍ଷ ଏଥିପ୍ରତି ନଜର ଦେଉନଥିବାରୁ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଯିବା ସମ୍ଭବ ହୋଇପାରୁନାହିଁ। ବାରମ୍ବାର ଅଭିଯୋଗ ସତ୍ତ୍ୱେ କମ୍ପାନୀର ଏଭଳି ମନୋମୁଖି କାର୍ଯ୍ୟକୁ ସ୍ଥାନୀୟ ବାସିନ୍ଦା ଘୋର ନିନ୍ଦା କରିଛନ୍ତି। ଚେଭ୍‌ରୋକ୍ସ କମ୍ପାନୀ କାହାର ଛତ୍ରଛାୟା ତଳେ ରହି ଏଭଳି ଅମାନୁଷିକ କାର୍ଯ୍ୟ କରୁଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏପରିସ୍ଥଳେ ଯୋଡା ମଧ୍ୟ ଦେଇ ଯାଇଥିବା ଡ୍ରେନ୍‌ଗୁଡିକ ଠିକଣା ସମୟରେ ସଫା କରାଯାଉନଥିବାରୁ ପ୍ରତ୍ୟେକ ସ୍ଥାନରେ ପାଣି ଜମି ରହୁଥିବା ଦେଖିବାକୁ ମିଳୁଛି। ସେହିଭଳି ଯୋଡା ବ୍ଲକ ଅନ୍ତର୍ଗତ କାଳିମାଟୀ ଛକଠାରେ ମୁଖ୍ୟ ରାସ୍ତା ଉପରେ ଅନେକଗୁଡିଏ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଯାହା ଫଳରେ ସାଧାରଣ ଜୀବନଯାତ୍ରା ଦୁର୍ବିସହ ହୋଇପଡିଛି। ଉକ୍ତ ରାସ୍ତା ଦେଇ ପ୍ରତିଦିନ ହଜାର ହଜାର ସଂଖ୍ୟାର ଟ୍ରକ୍ ରେଳ ସାଇଡିଂ ଓ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ କରିଥା'ନ୍ତି। ଉକ୍ତ ରାସ୍ତାରେ ପ୍ରତିଦିନ ଟ୍ରକ୍‌ଗୁଡିକ ଫସିରହିବା ସହିତ ଟ୍ରକ୍‌ଗୁଡିକର ଯନ୍ତାଂଶ ଭାଙ୍ଗିଯାଉଥିବାରୁ ମାଲିକମାନେ ଅନେକ କ୍ଷତି ସହୁଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏହି ରାସ୍ତାଗୁଡିକର ସୁଧାର ଆସୁନଥିବା ହେତୁ ବାଧ ହୋଇ ସ୍ଥାନୀୟ ବାସିନ୍ଦା ରାସ୍ତାରୋକ କରିଥିବା ଜଣାପଡିଛି। ଆଗାମୀ ଦିନରେ ଯଦି ଏହାକୁ ବିଚାରକୁ ନ ନିଆଯାଏ ତେବେ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବା ସହିତ ଅର୍ଥନୈତିକ ଅବରୋଧ କରାଯିବ ବୋଲି ସ୍ଥାନୀୟ ବାସିନ୍ଦାମାନେ ଚେତାବନି ଦେଇଛନ୍ତି।

# ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ

ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୨ ନମ୍ବର ଓ୍ୱାର୍ଡ ପାନପୋଷର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ଭ୍ରାନ୍ତ ଶ୍ରେଣୀର ଲୋକ ବସବାସ କରୁଥିବା ଏହି ଉଭୟ କଲୋନୀରେ ଅଧିକ ବର୍ଷା ହେଲେ ଲୋକଙ୍କ ଘରେ ପାଣି ପଶୁଥିବା ବେଳେ ବର୍ଷା ପରେ ଘର ଦ୍ୱାର ମୁହଁରେ ପାଣି ଜମି ରହି ଯାତାୟାତରେ ଗୁରୁତର ବାଧା ସୃଷ୍ଟି କରିବା ସହ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦାମାନଙ୍କଠାରୁ ଖବର ପାଇଁ ରାଉରକେଲା ବିଧାନସଭା କ୍ଷେତ୍ରର ପ୍ରାକ୍ତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଅନ୍ୟ ସହଯୋଗୀଙ୍କ ସହିତ ସମ୍ପୃକ୍ତ ବୁଲି ଦେଖିଥିଲେ। ସମ୍ପୃକ୍ତ ଅଞ୍ଚଳର ବାସିନ୍ଦାମାନେ ଶ୍ରୀ ସେନାପତିଙ୍କୁ କଲୋନୀର ବିଭିନ୍ନ ରାସ୍ତା ଓ ପାଣି ଜମୁଥିବା ସ୍ଥାନ ସବୁ ବୁଲାଇ ଦେଖାଇଥିଲେ। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ଅଦ୍ୟାବଧି ମହାନଗର ନିଗମ ତରଫରୁ କୌଣସି ବୃହତ ନାଳି ନିର୍ମାଣ ହୋଇନଥିବାରୁ ବର୍ଷାଜଳ ଜମି ରହି ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଉଛି। ମହାନଗର ନିଗମ କର୍ତ୍ତୃପକ୍ଷ ରାଉରକେଲା ସହରକୁ ସ୍ୱଚ୍ଛ ଓ ସୁନ୍ଦର କର ଗଢି ତୋଳିବା ସହ ଶିଶୁ ଅନୁକୂଳ ସହର କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ବୋଲି ପ୍ରଚାର ପ୍ରସାର କରୁଛନ୍ତି। ସେଥିପାଇଁ ବିଶ୍ୱର ପ୍ରମୁଖ ୧୦ଟି ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି ବୋଲି ନଗର ନିଗମ ତରଫରୁ କୁହାଯାଇ ଆସନ୍ତା ଅକ୍ଟୋବରରେ ଲଣ୍ଡନ ଠାରେ ହେବାକୁ ଥିବା ସହରାଞ୍ଚଳ ଲିଡରସିପ୍ କାର୍ଯ୍ୟକ୍ରମରେ ରାଉରକେଲା ସ୍ମାର୍ଟସିଟି ଅଂଶଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଅପରପକ୍ଷରେ ଏହି ସ୍ମାର୍ଟସିଟିର ୨ ନମ୍ବର ଓ୍ୱାର୍ଡର ଜଗନ୍ନାଥ ଓ ଜାମିଆ କଲୋନୀରୁ ବର୍ଷାଜଳ ନିଷ୍କାସିତ ହୋଇନପାରି ଯେଉଁ ଦୟନୀୟ ଅବସ୍ଥା ସୃଷ୍ଟି ହେଉଛି ଏବଂ ଶିଶୁମାନେ ଘରୁ ବାହାରିବା ସମ୍ଭବ ହେଉନାହିଁ, ତାହା ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବୋଲି ଶ୍ରୀ ସେନାପତି କହିଛନ୍ତି। ତେଣୁ ମହାନଗର ନିଗମ କର୍ତ୍ତୃପକ୍ଷ ଖାଲି ପୁରସ୍କାର ସନ୍ଧାନରେ ନ ରହି ଯେଉଁ ନାଗରିକମାନେ ଆବଶ୍ୟକୀୟ ସେବା ପାଇଁ ଟିକସ ଦେଉଛନ୍ତି ସେମାନଙ୍କୁ ଉପଯୁକ୍ତ ମୌଳିକ ସେବା ଯୋଗାଇ ଦେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଉକ୍ତ ଅଞ୍ଚଳରୁ ବର୍ଷାଜଳ ନିଷ୍କାସନ ପାଇଁ ମହାନଗର ନିଗମ କର୍ତ୍ତୃପକ୍ଷ ତୁର' ଏକ ସ୍ୱତନ୍ତ୍ର ଯୋଜନା ହାତକୁ ନେବାକୁ ଶ୍ରୀ ସେନାପତି ଦାବି କରିଛନ୍ତି। ଏହି ଅଞ୍ଚଳ ବୁଲିବା ବେଳେ ଶ୍ରୀ ସେନାପତିଙ୍କ ସହିତ ପିସିସି ସମ୍ପାଦକ ଧର୍ମେନ୍ଦ୍ର ପରମାର, ପୂର୍ବତନ ବ୍ଲକ୍ ସଭାପତି ମାତାପ୍ରସାଦ ଜୟସ୍ୱାଲ, ସିଦ୍ଧେଶ୍ୱର ମଲ୍ଲିକ, ବୁଲୁ ଦାସ, ମୀନକେତନ ଯତୀ ତଥା ଉକ୍ତ ଅଞ୍ଚଳର ଶେକ ୟୁସୁଫ ଅଲ୍ଲୀ, ଶେକ ପରଭେଜ, ଇମତିଆଜ ଖାନ, ଏମ୍‌ଡି ସଲାଉଦ୍ଦିନ, ବିଜୟ ସାହୁ, ପ୍ରତାପ ସାହୁ, ଏସ୍.ଚୌଧୁରୀ ପ୍ରମୁଖ ସମଗ୍ର ଅଞ୍ଚଳର ବୁଲି ଦେଖିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ କୁହାଯାଇଛି।

# କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଷଷ୍ଠ ଜିଲ୍ଲା ପରିଷଦର ପ୍ରଥମ ସାଧାରଣ ବୈଠକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ମହାକାଳପଡା ବିଧାୟକ ଅତନୁ ସବ୍ୟସାଚି ନାୟକ, ରାଜନଗର ବିଧାୟକ ଧ୍ରୁବ ଚରଣ ସାହୁ, ପାଟକୁରା ବିଧାୟିକାଙ୍କ ପ୍ରତିନିଧି ସଞ୍ଜୟ କୁମାର ଅଗ୍ରୱାଲ, ଜିଲ୍ଲାପାଳ ଅମ୍ରିତ ଋତୁରାଜ, ରାଜନଗର ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି, ଜିଲ୍ଲା ଗ୍ରାମ୍ୟ ଉନ୍ନଡନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ଉପସଭାପତି ଅଶୋକ ପ୍ରତିହାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପଞ୍ଚମ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଗୁଡିକର ଅନୁପାଳନ ବିବରଣୀ ଦୃଢିକରଣ ପରେ ଆଲୋଚନା ଆରମ୍ଭ ହୋଇଥିଲା। ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ସେଠୀ ଉପସ୍ଥିତ ନବ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟ,ସଭ୍ୟା, ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ,ଅଧ୍ୟକ୍ଷା ଓ ସରକାରୀ ଅଧିକାରୀମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ବୈଠକରେ ମୁଖ୍ୟତଃ ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳର ସୁବିଧା ଓ ଯୋଗାଣ, ସ୍ୱାସ୍ଥ୍ୟ ଓ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତା ବିଷୟରେ ବିଶଦ ଆଲୋଚନା ହୋଇଥିଲା। ଜିଲ୍ଲାରେ ମୋଟ ୨୪୯ଟି ଗ୍ରାମପଞ୍ଚାୟତର ୧୪୧୪ଟି ଗ୍ରାମରେ କାର୍ଯ୍ୟକ୍ଷମ ଥିବା ୧୭ ହଜାର ୨୩୮ଟି ନଳକୂପ ମଧ୍ୟରୁ ଅଚଳ ଥିବା ନଳକୂପକୁ ତ୍ୱରିତ ଢଙ୍ଗରେ କାର୍ଯ୍ୟକାରୀ କରିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। କେନ୍ଦ୍ରାପଡା ଜିଲ୍ଲାରେ କାର୍ଯ୍ୟକାରୀ ହେବାକୁ ଥିବା ମେଗା ଜଳ ପ୍ରକଳ୍ପଗୁଡିକରେ ଥିବା ଅସୁବିଧାଗୁଡିକୁ ପ୍ରଶାସନିକ ସ୍ତରରେ ଆଶୁ ସମାଧାନ କରି ଆବଶ୍ୟକ ଅଧିକ ଅର୍ଥରାଶି ମଞ୍ଜୁର ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଧାୟକମାନେ ଦାବି ଉପସ୍ଥାପନ କରିଥିଲେ। ଏହି ଅବସରରେ ରାଜନଗର ବିଧାୟକ ଶ୍ରୀ ସାହୁ କେନ୍ଦ୍ରାପଡାରେ ଏକ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା କରାଯିବା ପାଇଁ ପ୍ରସ୍ତାବ ଆଗତ କରିଥିଲେ ଏବଂ ଏହି ପ୍ରସ୍ତାବକୁ ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ସଭ୍ୟାମାନେ ସର୍ବସମ୍ମତି କ୍ରମେ ଗୃହିତ କରାଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ମଇ ୨୭

# ଯମପୁରରେ ମର୍ତ୍ତ୍ୟବାସ କଥା ମନେପଡ଼େ


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆକ୍ଷରିକ ଅର୍ଥ କାଇଦା କାନୁନ୍; ସମାଜ, ରାଜ୍ୟ, ଦେଶ, ଜାତି, ଧର୍ମ, ପରିବାର ଦମ୍ପତି, ସନ୍ତାନ ସନ୍ତତି ପାଇଁ କାଇଦା କାନୁନ ଅଛି। ରାସ୍ତାରେ ଚାଲିବାରେ ଜନ ସମୁହରେ ନିଜର ବ୍ୟବହାର ଭାବ ସମ୍ପର୍କରେ ଭୋଜନ ପାନରେ ଭୂଷଣ ପରିଚ୍ଛଦ ପିନ୍ଧିବାରେ କାଇଦା କାନୁନ ଅଛି। ଅର୍ଥାତ୍ ଏଇଥିରେ ଯମ ଅଛନ୍ତି। ଯମଙ୍କର ଅନ୍ୟନାମ ଧର୍ମରାଜ। ଧର୍ମ ହିଁ ଧାର୍ମିକକୁ ରକ୍ଷା କରନ୍ତି। ଯେ ଧର୍ମ ହରାଇ ଚାଲେ ସେ ଯମ ହାବୁଡ଼ରେ ପଡ଼ନ୍ତି। ଆଇନ ହାତ ବହୁ ଲମ୍ବା ପଶୁ ଆୟତ ପାଇଁ ତାର ବେକରେ ପଘା ଲଗାମ ଲଗାଯାଏ। ଉଦଣ୍ଡା ବଳଦ ଗାଈର ମୁହଁ ତୁଣ୍ଡୀ ଲଗାଯାଏ। ଏହି ତୁଣ୍ଡୀ ତୁଣ୍ଡ ସହିତ ସମ୍ବନ୍ଧ ଥିବାରୁ ତୁଣ୍ଡୀ ତୁଣ୍ଡ ନିୟନ୍ତ୍ରଣ କରେ। ସବୁ କଥା ସ୍ମରଣରେ ରହେ ନାହିଁ। ଏମିତି ଲୋକଟିଏ ନାହିଁ ବହୁ ଦିନ ଧରି କଣ କେଉଁ ସମୟରେ ଭୋଜନ କରିଛି ଏ ମନେ ପକାଇ ସଠିକ କହିନପାରନ୍ତି ମାତ୍ର କେତେକ ଗୁରୁତ୍ୱପୂର୍ଣ୍ଣ ଦିନରେ କେଉଁଠି କି ଭୋଜନ କରିଥିଲେ ତାହା ମନେପକାଇଲେ ମନେପଡ଼େ। କାହାକୁ ତୀକ୍ଷ୍ଣ କଥା ନକହିଥିଲେ ତାହା କଷ୍ଟରେ ମନେ ପଡ଼ିପାରେ ନପଡ଼ିପାରେ ମାତ୍ର କିଏ ତୀକ୍ଷ୍ଣ କଥା କେବେ କହିଥିଲା ଏମନେ ରହିଛି। ବିବାହ ଦିନ ବା ତାର ପାଖାପାଖି ଦିନ ଚାକିରୀ ପ୍ରବେଶ ଦିନ ଚାକିରୀରୁ ଅବସର ଦିନ, ଶରୀରରେ ଶଲ୍ୟ ଚିକିତ୍ସା ଦିନ, ଦୁଃଖଦୁର୍ଦ୍ଦଶା ଦିନ ଏସବୁ ମନେ ରହେ। କିଛି ଦିନ ଲେଖା ରହିଥାଏ ତାର ରେକର୍ଡ଼ ଡାଇରୀ ଦେଖିଲେ ମନେପଡ଼େ। ପାଉତି ଥିଲେ ରାଜକର ଦେବା ମନେପଡ଼େ କବଲା ପଟ୍ଟା ଥିଲେ ଜମିବାଡ଼ି ଚିହ୍ନଟ ଦାନୀର ସ୍ମୃତି ଜାଗରିତ ହୁଏ। ସାର୍ଟିଫିକେଟ ବିଦ୍ୟାର୍ଜନର ସ୍ମରଣ କରାଏ। ବିଦ୍ୟାର୍ଜନର ସ୍ମରଣ କରାଏ। ବିଦ୍ୟାର୍ଜନରେ ଜଡ଼ିତ ବିଦ୍ୟାଳୟ କଲେଜ ଟ୍ରେନି ସେଣ୍ଟର କଥା ମନେ ପଡ଼େ। ଶ୍ରାଦ୍ଧ ଦିବସରେ ପିତୃପୁରୁଷଙ୍କ ସ୍ମୃତି ମନରେ ଆସେ। ହେଲେ ଅନେକ କଥା ମନେ ରହିନଥିବା ସମସ୍ତଙ୍କ ଜୀବନରେ ଆସେ। ନିଜେ କାହାକୁ କଷ୍ଟ ଦେଇଥିଲେ ନିଜର ମନରୁ ଏହା ଭୁଲି ଯାଇଥାଉ, କୁଭୋଜନ କୁପାନ ଲୁଚାଇ ଭୋଜନ ପାନ, ଲୁଚାଇ ଅନୀତିକର୍ମ ଏଥିରେ ପାପ ହୁଏ ଓ ମନୁଷ୍ୟ ବଳ ବୟସ ଓ ଧନ ଯୋରରେ ଏମିତି କର୍ମ ଏକ ହୁଂମଞ୍ଚରେ କରି ଦେଇଥାଏ। କାଳ ଗର୍ଭରେ ଲୀନ ସମୟର ଘଟଣା, କାଳ ପାଞ୍ଜିରେ ତାହା ଲେଖା ରହିଥାଏ। ଏଇ କାଳ ପଞ୍ଜାଙ୍ଗ ବା ଡାଇରୀ ଲେଖକ ଚିତ୍ରଗୁପ୍ତ ସେ ଚିତ୍ର ମାନଙ୍କୁ ଦୃଶ୍ୟ ମାନଙ୍କୁ ଲିପିବଦ୍ଧ କରି ସର୍ବଦା ତାଙ୍କର ଅସରନ୍ତି ଜି.ବି.ର ଟିପସରେ ରଖିଥାନ୍ତି। ଲୋକର ଶରୀରକୁ ଆତ୍ମ ଛାଡ଼ିଲା ପ୍ରାଣ ପ୍ରେତ ଲୋକକୁ ଗଲା ଏହି କାର୍ଯ୍ୟ ଶରୀରରୁ ସୂକ୍ଷ୍ମକାରୀ ଶରୀର ହିଁ ତତ୍କାଳ ମହାକାଳ ଦରବାର ବା ଯମ ରାଜଙ୍କ ଦରବାରରେ ପହଞ୍ଚିବାକୁ ପଡ଼େ।

ବାଗୁଡ଼ି କିତି କିତି କବାଡ଼ୀ ଖେଳରେ ସମାନ ସମାନ ବ୍ୟକ୍ତି ଖେଳାଳୀ ନହେଲେ ଖେଳ ହୋଇନପାରେ ମାତ୍ର ଏକ ବିକଳ୍ପ ବିଧାନ ହେଲା ନ୍ତକା' ଦେବା ପଦ୍ଧତି ଅଙ୍ଗିକିଆ ହେବା ପଟରେ ଏକ ଖେଳାଳୀ ଦୁଇ ଖେଳାଳୀର ଦାୟିତ୍ୱ ନେଇ ଖେଳୁଥାନ୍ତି ସେଥିରେ ୧ଥର ତାଙ୍କର ଖେଳରେ ହାର ବା ଖେଳରେ ପରାସ୍ତ ହେଲେ ଦ୍ୱିତୀୟ ଥର ଖେଳି ପାରନ୍ତି। ଏଇ ନ୍ତକା' ପ୍ରାପ୍ତ ବଳରେ ଯମପୁରରେ ଯେଉଁ କା ଆକାରରେ କାୟା ହୋଇ କାମ କରୁଥିଲା ତାହା ଚାଲିଯାଇଛି। ଏବେ ମୂଳ ହିଁ କଷ୍ଟ ସହିବାକୁ ବାଧ। ଜୀବ ମାତ୍ରେ ଶରୀରରେ କଷ୍ଟ ଅଛି ମାତ୍ର ମନୁଷ୍ୟର ଶାରୀରିକ କଷ୍ଟ ଠାରୁ ମାନସିକ କଷ୍ଟ ଅତିଗୁରୁତର। ଦେହ ଖରାପରେ ଏକ ସିଂହ ଭାଗ ମାନସିକ ଦୁଶ୍ଚିନ୍ତା ମନ ଏଇଟି ମୃତ୍ୟୁପରେ କଫେୟତ ତଲବ ପାଇଁ ଯମଙ୍କ ଦରବାରରେ ହାଜର କରାଏ। ପ୍ରତି ମାନବ ଶରୀର ପାଞ୍ଚ ପ୍ରକାର କୋଷରେ ଜଡ଼ିତ। କୋଷର ଅର୍ଥ ଭଣ୍ଡାର। ଏକ ସ୍ଥୂଳ ଶରୀରରେ ଏହି କୋଷ ମାନଙ୍କର ଆଧାର ରହିଛି। ଜନ୍ମ ବେଳେ କ୍ଷୁଧା ରହିଛି ବୋଲି ଶିଶୁର ମାଆ ଠାରୁ କ୍ଷୀର ଟାଣିବା ଦେଖାଯାଉଛି। ହେଲେ କାମାତୁର ଗୁଣ ଶିଶୁ ସୁଲଭ ଗୁଣ ନୁହଁ। ଏହା ଯୁବା ବୟସର ଗୁଣ। ସେମିତି ଜୀବର ପ୍ରାଣ ଥିବାବେଳେ ଯେଉଁ କ୍ରୋଧ ଲୋଭ କାମଜ ଉପସର୍ଗରୁ ଯାହା ସବୁ କରାଯାଇଥାଏ ତାହା ସ୍ଥୂଳ ଦେହର କାର୍ଯ୍ୟକୁ ସୂକ୍ଷ୍ମ ଦେଇ ଯମପୁରରେ ଭୋଗ କରେ। ସୂକ୍ଷ୍ମ ଦେହର ହେଜ ଯମପୁର ପେଣ୍ଡାଲରେ ମନେପଡ଼େ। ତାପରେ ଦଣ୍ଡ ଭୋଗ ଦିଗ ଖୋଜେ। ପୁନଃ ରପି ଜନମ୍ ପୁନରପି ମରଣଂ ଚକ୍ରରେ ଦେହ ଧରିବାକୁ ପଡ଼େ। ଏ ଯମ ଦଣ୍ଡର ଏଇ ନିର୍ବାଚନ ବି ପାଞ୍ଚ ବର୍ଷିୟା ଚକ୍ର ଯେ ନେତା ହୁଅନ୍ତୁ ନା ତାଙ୍କୁ ଓ ଯେ ନିର୍ବାଚିତ ଥିଲେ ତାଙ୍କୁ ଲୋକଙ୍କୁ ଥୋପ ଦେଖାଇବାକୁ ପଡୁଛି। ସେ ସରକାରରେ ଥିଲେ ତାଙ୍କର ଏହି ଯମ ସଭା ବା ଧର୍ମସଭା କିଛି ଉଗାଳିବାକୁ ପଡୁଛି। ଯା କରିବି ତାକରିବି, କିନ୍ତୁ ସବୁ ପ୍ରଜାଙ୍କ ପଇସା ହିଁ ହରିବୋଲ ଧନ୍ଦା। ଏମାନେ ଶତାୟୁରେ ଆସିବ ଅବଶୋଷ ଓ ଦୁର୍ଭାବନା ଯେ କୌଣସି ଲୋକ ଦେଖିଲେ ମନରେ ଏକ ଅଜଣା ଆଶଙ୍କା। ଧର୍ମରାଜଙ୍କ ସୁନଜର କେବଳ ଧାର୍ମିକ ଲୋକ ଉପରେ ରହିଥାଏ। ଠିକ ଧର୍ମରେ ସବୁ ପର୍ଯ୍ୟାୟରେ ରହିଲେ କେବେ ଯମ ଚକ୍ରରେ ପଡ଼ିବାକୁ ହୁଏନାହିଁ। ରାଜନୀତି ବି ଏକ ଧର୍ମ। ଏହାର ଧର୍ମଦିଗଟି ପ୍ରତି ସମସ୍ତେ ନଜର ରଖନ୍ତୁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ,
ଦୂରଭାଷ : ୯୪୩୭୦୩୧୨୫୩

# ସନ୍ଥ କବି ଭୀମଭୋଇ

***ଡକ୍ଟର ତପନ କୁମାର ପାଳ***

ଭୀମଭୋଇ (୧୮୪୬-୧୮୯୫) ବିଶ୍ୱର ଶ୍ରେଷ୍ଠ ଆଦିବାସୀ କବି। ଏକଧାରରେ ସେ ଥିଲେ କବି, ପଣ୍ଡିତ, ତତ୍ତ୍ୱଦର୍ଶୀ, କର୍ମଯୋଗୀ, ସଂସ୍କାରକ, ବିପ୍ଳବୀ, ଧର୍ମଯାଜକ, ମାନବବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ମୂର୍ତ୍ତିମନ୍ତ ପ୍ରତୀକ। ତତ୍କାଳୀନ ସମାଜରେ ପ୍ରଚଳିତ ଘୃଣ୍ୟ ଜାତିଭେଦ, ଅନ୍ଧବିଶ୍ୱାସ, କୁସଂସ୍କାର ଓ ବ୍ରାହ୍ମଣାଧିପତ୍ୟ କବଳରୁ ସମାଜକୁ ମୁକ୍ତ କରିବା ପାଇଁ ସେ ଥିଲେ ଅଙ୍ଗୀକାରବଦ୍ଧ। ଭୀମଭୋଇ ପ୍ରଥମେ କବି, ଦ୍ୱିତୀୟରେ ସାଧକ-ସଂସ୍କାରକ-ଧର୍ମଯାଜକ, ତୃତୀୟରେ ଗୃହସ୍ଥ ଏବଂ ଚତୁର୍ଥରେ ସନ୍ଥ-ସାଧକ-ବିପ୍ଳବୀ-ବୈରାଗୀ। ସେ ଆଦୌ ଅନ୍ଧ ନଥିଲେ, ବାଲ୍ୟ କାଳରେ କି କିଶୋର ଅବସ୍ଥାରେ ବା ଯୌବନାବସ୍ଥାରେ ଅଥବା ଜୀବନର ଶେଷ ଭାଗରେ। ସେ ବଞ୍ଚିଥିଲେ ମାତ୍ର ପଚାଶ ବର୍ଷ। ଏହି ସମୟ ମଧ୍ୟରେ ରଚନା କରିଥିଲେ ୧୩୨ ଖଣ୍ଡ ପୁସ୍ତକ। ସବୁଯାକ ଥିଲା, ତାଙ୍କର କଣ୍ଠସ୍ଥ। ଯେତେବେଳେ ଯେଉଁ ପୁସ୍ତକର, ଯେଉଁ ଅଧ୍ୟାୟର, ଯେଉଁ ପଦକୁ ବୋଲିବା ପାଇଁ କହିଲେ, ସେ ତତ୍କ୍ଷଣାତ ଗାଇ ଦେଉଥିଲେ। ଏହା ଥିଲା ଭୀମଭୋଇଙ୍କର ବୈଶିଷ୍ଟ୍ୟ। ତାଙ୍କ ରଚିତ ସ୍ତୁତି ଚିନ୍ତାମଣିକୁ ମହିମା ଧର୍ମର ବେଦ କହିଲେ ଅତ୍ୟୁକ୍ତି ହେବନାହିଁ। ୧୮୬୨ରେ ସେ ମହିମା ଧର୍ମର ପ୍ରତିଷ୍ଠାତା ମହିମା ଗୋସାଇଁଙ୍କ ସାନ୍ନିଧ୍ୟ ଲାଭ ସହ ଏହି ଧର୍ମରେ ଦୀକ୍ଷିତ ହୋଇଥିଲେ। ସେତେବେଳେ ତାଙ୍କୁ ଷୋହଳ ବର୍ଷ। ତାହା ପରେ ତାଙ୍କୁ ଦିବ୍ୟ-ଜ୍ଞାନ ପ୍ରାପ୍ତ ହୋଇଥିଲା ଏବଂ ସେ ରାଶି ରାଶି ପୁସ୍ତକ ରଚନା ଏବଂ ମହିମା ଧର୍ମର ପ୍ରଚାର ପ୍ରସାର କରିଚାଲିଥିଲେ। ଭୀମଭୋଇଙ୍କ ପିତାମାତାଙ୍କ ପରିଚୟ ଅଜଣା ହୋଇରହିଛି। ଜଟାସିଙ୍ଗ (ଏବର ସୋନପୁର ଜିଲ୍ଲା ଅନ୍ତର୍ଗତ ବୀରମହାରାଜପୁରରେ) ଗାଁର ସନ୍ତାନହୀନ କନ୍ଧ ଦଂପତି ଗୁରୁବାରୀ ଓ ଦନାଇ ଭୋଇ ଗାଁ ମୁଣ୍ଡ ପୋଖରୀ ହୁଡ଼ା ନିକଟସ୍ଥ ତାଳବଣରୁ ତାଙ୍କୁ ପାଇ ଲାଳନପାଳନ କରିଥିଲେ। ବୈଶାଖ ପୂର୍ଣ୍ଣିମାକୁ ତାଙ୍କ ଜନ୍ମ ଦିବସ ଭାବେ ଗ୍ରହଣ କରାଯାଏ। ଚଳିତ ମାସ ୨୧ ତାରିଖରେ ପଡୁଛି ବୈଶାଖ ପୂର୍ଣ୍ଣିମା।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,
ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଦକ୍ଷ ପ୍ରଶାସକ ଥିଲେ ସୌନ୍ଦର୍ଯ୍ୟମଞ୍ଜରୀ

ସେ କହୁଥିବା ଶବ୍ଦଗୁଡିକ କର୍ଣ୍ଣକଟୁ ହୋଇଥିଲେ ହେଁ ତାହା ଆତ୍ମୀୟତାପୂର୍ଣ୍ଣ ହୋଇଥାଏ । ତାଙ୍କ ସହିତ ମିଶିଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ମନଭିତରେ ତାଙ୍କ ପ୍ରତି ଡର ଯେତିକିଥାଏ, ସମ୍ମାନ ଓ ଶ୍ରଦ୍ଧା ତାଠାରୁ ଅଧିକ ଥାଏ । ଶାରିରୀକ ଅସୁସ୍ଥତା ଥାଇ ବି ସେ ଜଣେ ସୁସ୍ଥ ବ୍ୟକ୍ତିଙ୍କ ଠାରୁ ବେଶୀ ଅର୍ଥାତ ଖରା ବର୍ଷା ଶୀତକୁ ଖାତିର ନକରି କାମ କରିବାକୁ ଧାଇଁ ଯାଆନ୍ତି । ବ୍ୟକ୍ତିଗତ ଜୀବନ, ସ୍ୱାସ୍ଥ୍ୟ ପାଇଁ ପ୍ରତିବନ୍ଧକଗୁଡିକ ତାଙ୍କୁ ହାରାଇପାରି ନଥିଲା । ସେ ଏତେ ଚଳଚଂଚଳ ଓ ଦକ୍ଷ ଥିଲେଯେ ତାଙ୍କ ବିନା ଜିଲ୍ଲା ପ୍ରଶାସନ ନିଜକୁ ଅଧୁରା ଅନୁଭବ କରୁଥିଲା । କାରଣ କେବଳ ନିଜ ବିଭାଗ ନୁହେଁ ବରଂ ଅନ୍ୟ ବିଭାଗଗୁଡିକ ସହିତ ସମନ୍ୱୟ ରକ୍ଷା କରିବା ଓ ସୁସଂପର୍କ ରଖି ଛାତ୍ରଛାତ୍ରୀମାନଙ୍କ ଅଧିକାନ୍ରକୁ ସୁରକ୍ଷିତ ରଖିବା ଓ ସେମାନଙ୍କୁ ନିରବଚ୍ଛିନ୍ନ ସେବା ଦେବାରେ ସେ ଥିଲେ ସିଦ୍ଧହସ୍ତା । ଶିକ୍ଷା ବିଭାଗର ଜିଲ୍ଲା ମୂଖ୍ୟ ହୋଇ କାମ କରିବା ବେଳେ ଦୁର୍ନୀତି ତାଙ୍କୁ ସ୍ପର୍ଶ କରିପାରିନଥିଲା । ଦୁର୍ନୀତିସହ ଯୋଡି ହୋଇ ରହିଥିବା ବ୍ୟକ୍ତି ତାଙ୍କ ସମ୍ନାକୁ ଯିବା ପୂର୍ବରୁ ଚିନ୍ତାରେ ପଡେ । ସେ ପୁରୀ ଜିଲ୍ଲାରେ ପ୍ରାୟ ୯ବର୍ଷ ଧରି କାମ କରି ଅବସର ଗ୍ରହଣ କରିଥିବା ତତ୍କାଳୀନ ଜିଲ୍ଲା ପ୍ରକଳ୍ପ ସଂଯୋଜିକା ସୌନ୍ଦର୍ଯ୍ୟ ମଂଜରୀ ଦାସ । ୧୬ ମଇ ୨୦୨୪ରେ ସେ ଇହଧାମ ତ୍ୟାଗ କଲେ । ତାଙ୍କ ଆବର୍ତମାନରେ ଏକାଦଶାହ ଉପଲକ୍ଷେ ଏହି ଆଲେଖ୍ୟ ।

ମ୍ୟାଡାମଙ୍କ ସହିତ ମୋର ଦେଖାହୁଏ ୨୦୧୩ ମସିହାରେ । ମୁଁ ସୁରକ୍ଷା ଅଧିକାରୀ ଭାବରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟରେ ଯୋଗଦେବା ପରେ । କାରଣ ସେ ସମନ୍ୱିତ ଶିଶୁ ସୁରକ୍ଷା ଯୋଜନାର କର୍ମକର୍ତା ଚୟନ କମିଟି ଓ ଜିଲ୍ଲା ନିରୀକ୍ଷଣ କମିଟିର ସଦସ୍ୟା ଥାଆନ୍ତି । ଶିଶୁ ଯତ୍ନ ଅନୁଷ୍ଠାନ ନିରୀକ୍ଷଣ ହେଉ ବା କର୍ମକର୍ତା ଚୟନ ସବୁକାମରେ ସେ ଥାଆନ୍ତି ଆଗରେ । ଉଚିତ ପରାମର୍ଶ ଦେବା, ମାର୍ଗଦର୍ଶନ କରିବା ଓ ଉପଯୁକ୍ତ ପଦକ୍ଷେପ ନେବାରେ ସେ ଯେଉଁ ସହାୟତା ଓ ସହଯୋଗ ପ୍ରଦାନ କରିଯାଇଛନ୍ତି ତାହା ଚିରସ୍ମରଣୀୟ ହୋଇ ରହିବ । ମାନବସମ୍ବଳ ଚୟନ ଏକ ବୈଷୟିକ ଦକ୍ଷତା, ଯେଉଁଥିରେ ସାମାନ୍ୟ ଭୁଲ ଅଦାଲତକୁ ଯିବାର ବାଟ ଫିଟାଇଦିଏ । ବୋଧହୁଏ ପୁରୀରେ ହୋଇଥିବା ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତା ଚୟନରେ ତାଙ୍କର ପ୍ରଚ୍ଛନ୍ନ ହାତ ଓ ଦିଗଦର୍ଶନ ରହିଥିବାରୁ କୌଣସି ଅନୁଷ୍ଠାନରେ ବା କର୍ମକର୍ତା ଚୟନରେ ବିବାଦ ସୃଷ୍ଟି ହୋଇ ନାହିଁ କି କୌଣସି କାରଣ ନେଇ କେହି ଅଦାଲତରେ କେଶ ଦାୟର କରିନାହାନ୍ତି । ଏମିତି କାମର ଅନେକ ଉଦାହରଣ ଅଛି ଯାହା ସ୍ପଷ୍ଟ କରେ ସେ ବାସ୍ତବରେ ନିର୍ମଳ, ସ୍ୱଚ୍ଛ ଭାବରେ କାର୍ଯ୍ୟ କରିବାକୁ ଭଲ ପାଆନ୍ତି । ତାଙ୍କର ସ୍ପଷ୍ଟବାଦିତା, ସ୍ୱଚ୍ଛ ଶାସନ ଅଳସୁଆଙ୍କୁ ଅଡୁଆ ଓ କର୍ମଠଙ୍କୁ ବଢିଆ । ଅଫିସ ସମୟରେ ଅଫିସରେ କାମ,



ଅଫିସ କାମ ବାହାରେ ମଧ୍ୟ ସେ ଅନେକ ଥର ଶିଶୁ ସୁରକ୍ଷା କାମଗୁଡିକ ଘରେ ବସି କରିଛନ୍ତି । ଶିଶୁ ସୁରକ୍ଷା ବିଭାଗ ପ୍ରତି ତାଙ୍କର ସତେ ଯେମିତି ଏକ ସ୍ୱତନ୍ତ୍ର ଦୁର୍ବଳତା ଥିଲା । ତାଙ୍କର ଆଗ୍ରହ, ସ୍ୱତନ୍ତ୍ର ଦୃଷ୍ଟି ଯୋଗୁଁ ଶିଶୁ ସୁରକ୍ଷା ବିଭାଗରେ ଅନେକ କାର୍ଯ୍ୟ ହୋଇଛି । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଓ ମୁଁ ଯେତେବେଳେ ତାଙ୍କ ଅଫିସକୁ କାମ ନେଇ ଯାଉ ସେ ସ୍ନେହରେ କେବେ ନନ୍ଦି ଭୃଙ୍ଗି ଆସିଲେ ବୋଲି କୁହନ୍ତି ତ ଆଉ କେତେବେଳେ ଶୁମ୍ଭ ନିଶୁମ୍ଭ । ବାସ୍ତବରେ ତାଙ୍କ ସହିତ ଯିଏ କାମ କରିଥିବ ସେ ହିଁ ଜାଣିପାରିବଯେ ସେ କେତେ ସ୍ନେହୀ ମଣିଷ । ତାଙ୍କର ଘର କେନ୍ଦ୍ରାପଡାରେ କିନ୍ତୁ ପୁରୀରେ ସେ ୨୦୧୨ ମସିହାରୁ ୨୦୨୧ ମସିହା ଯାଏଁ କାମ କରି ଅବସର ଗ୍ରହଣ କରିଥିଲେ । ପୁରୀରେ ବାର ଯାତ୍ରା ତେର ପର୍ବ । ଏଣୁ ସରକାରୀ କାମ ବ୍ୟତିରେକ ଆଉ କିଛି ଅତିରିକ୍ତ ପ୍ରଶାସନିକ ଦାୟିତ୍ୱ ତୁଲାଇବାକୁ ପଡେ । ଏଣୁ ସେ ମଧ୍ୟ ଜିଲ୍ଲାରେ ନିଜ ବିଭାଗର କାମକୁ ଦକ୍ଷତାର ସହ ନିର୍ବାହ କରିବା ସହିତ ଅତିରିକ୍ତ କାମ ଯଥା ହବିଷିଆଳୀ ଶିବିର ତଦାରଖ ହେଉ ବା ରଥଯାତ୍ରା, ନିର୍ବାଚନ ହେଉ ବା କମ୍ପିଟେଟିଭ ପରୀକ୍ଷା ପରିଚାଳନା ସବୁଠି ସର୍ବାଗ୍ରେ ଥାଏ ଡିପିସିଙ୍କ ନାମ । ଜିଲ୍ଲାପାଳଙ୍କଠାରୁ ଏ ଡି ଏମ, ସଭିଏଁ ଖୋଜନ୍ତି ମ୍ୟାଡାମଙ୍କୁ । କାରଣ ମ୍ୟାଡାମ ଉଚିତ ନିଷ୍ପତି ନିଅନ୍ତି ଓ ଏଥିପାଇଁ ଉପାୟ ବାହାର କରନ୍ତି । ଶିକ୍ଷକଶିକ୍ଷୟିତ୍ରୀଙ୍କଠାରୁ ପ୍ରଶାସକ ସଭିଁଏ ମ୍ୟାଡାମଙ୍କ ନିକଟକୁ ଯାଆନ୍ତି ଓ ଅଭିଯୋଗ ବି ଦିଅନ୍ତି । କାରଣ ମ୍ୟାଡାମ ପ୍ରଶାସନର ଜଣେ ବରିଷ୍ଠ ପ୍ରଶାସକ ଥିଲେ । ଏହାଛଡା ସେ ଅସହାୟ, ଦୁଃଖୀ ଦେଖିଲେ ସେମାନଙ୍କ ପାଇଁ ସହାୟତା, ସହଯୋଗ କରିବାକୁ ଆଗଭର ହୁଅନ୍ତି । ଆଉ ପିଲାଙ୍କ କଥା ପଡିଲେ ସେ ପ୍ରଥମେ ବାହାରି ପଡନ୍ତି ସହଯୋଗ କରିବାକୁ । ପିଲାମାନଙ୍କ ପ୍ରତି ତାଙ୍କର ଥିଲା ଅହେତୁକ ଦୁର୍ବଳତା । ଜିଲ୍ଲା ମହୋତ୍ସବ ସୁରଭି ହେଉ ବା ଇନ୍ଦ୍ରଧନୁ, ମହକ ହେଉ ବା ଉତ୍ସାହ, ପିଲାଙ୍କ କାର୍ଯ୍ୟକ୍ରମ, ବାର୍ଷିକ ଉତ୍ସବରେ ସେ ଯାଇ ଉପସ୍ଥିତ ହୋଇଯାଆନ୍ତି । ବିଦ୍ୟାଳୟ ପରିଦର୍ଶନରେ ପିଲାମାନଙ୍କ ସହିତ କଥା ହୁଅନ୍ତି ଭୁଲ ଥିଲେ କର୍ମକର୍ତାଙ୍କ ସହ ଆଲୋଚନା କରି ତାକୁ ସଜାଡି ଦିଅନ୍ତି । କାରଣ ସେ ନୀତି, ନିୟମକୁ ଆଦର କରି ସବୁବେଳେ କାମ କରିବାକୁ ଭଲ ପାଆନ୍ତି । ନୀତି ବିରୁଦ୍ଧ ବ୍ୟକ୍ତିଙ୍କୁ ତାଗିଦ କରିବାକୁ ଭୁଲନ୍ତି ନାହିଁ । ସେ କାହାରି କ୍ଷତି କରିବା କେହି ଦେଖି ନାହାଁନ୍ତି କିନ୍ତୁ ଅନ୍ୟର କ୍ଷତି ହେବା ଦେଖିଲେ ସେ ଅସହ୍ୟ ହୋଇଯାଆନ୍ତି । ତାଙ୍କ ବିଷୟରେ ଆଲେଖ୍ୟ ଏକ ପୁସ୍ତକ ହେବ । ତେବେ ଏପରି ମଣିଷ ସାଂପ୍ରତିକ ସମାଜରେ ମିଳିବା ବିରଳ । ତାଙ୍କ ଅବର୍ତମାନରେ ସମସ୍ତେ ଶୋକଗ୍ରସ୍ତ । ସତେ ଯେମିତି ତାଙ୍କ କଥାଗୁଡିକ ଏବେ ବି ପ୍ରତିଧ୍ୱନୀତ ହେଉଛି । କାହାକୁ କହୁଛନ୍ତି ତୁ ଏ ଭୁଲ କରିଛୁ ନ ସୁଧାରିଲେ ତୋ ଟଂଟି ଚିପିଦେବି ତ ଆଉ କାହାକୁ କହୁଛନ୍ତି ତୋତେ ପୋଲିସରେ ଦେଇଦେବି । ଭୁଲ କଲେ ମରିବୁ ଇତ୍ୟାଦି । ସହଜରେ ଜଣେ ବ୍ୟକ୍ତିଙ୍କୁ ସେ ନିଜର କରିପାରନ୍ତି । ତୁ ସମ୍ବୋଧନର ବି ସେ ମିଠାପଣ ଅନୁଭବୀ ହିଁ ଜାଣିଛି । କାରଣ ସମସ୍ତଙ୍କୁ ନିଜ ପରିବାରର ସଦସ୍ୟ ପରି ବ୍ୟବହାର ତାଙ୍କଠାରୁ ଶିଖିବାର ଅଛି । ଦରଦୀମଣିଷ ବୋଲି ସେ ସମସ୍ତଙ୍କ ଅସୁବିଧା ବୁଝିପାରନ୍ତି । ସାନ୍ତ୍ୱନା ଦିଅନ୍ତି, ସହଯୋଗ କରନ୍ତି । ତାଙ୍କ ଚାରିତ୍ରିକ ଗୁଣ ଓ ଦକ୍ଷତାର ସୌନ୍ଦର୍ଯ୍ୟ ପରିବେଶକୁ ସୌନ୍ଦର୍ଯ୍ୟମୟ କରିପାରିଥିଲା । ତାଙ୍କ ଅବର୍ତମାନ ଏ ସମାଜ, ପ୍ରଶାସନ, ରାଜ୍ୟ ଓ ଦେଶ ପାଇଁ ଅପୂରଣୀୟ କ୍ଷତି ।

ଶୁଭନାରାୟଣ ଶତପଥୀ
ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୩୮୪୩୨୦୨୩

# ରାସ୍ତା ରୋକ, ଅଧିକାର ଓ କର୍ତ୍ତବ୍ୟ

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ହକ୍ ପାଇଁ ଲଢିବାର , ଶୋଷଣ ଅନ୍ୟାୟ ଅତ୍ୟାଚ଼ାର ବ୍ୟଭିଚ଼ାର ବିରୋଧରେ ଶାନ୍ତିପୂର୍ଣ୍ଣ ଭାବରେ ଆନ୍‌ଦୋଳନ କରିବାର ଅଧିକାର ସମସ୍ତଙ୍କର ଅଛି । ଶାସନ ବ୍ୟବସ୍ଥା ଓ ପ୍ରଶାସନକୁ ଚେତେଇବା ପାଇଁ, କୁମ୍ଭକର୍ଣ୍ଣ ନିଦ୍ରାରୁ ଉଠେଇବା ପାଇଁ ଆବଶ୍ୟକତା ଅଛି ଢୋଲ ପିଟିବାର, କୋଳାହଳ କରିବାର । ଭାରତର ସମ୍ବିଧାନ ଆମ ସମସ୍ତଙ୍କୁ ଏ ଅଧିକାର ଦେଇଛି । କିନ୍ତୁ ଅଧିକାର ସାବ୍ୟସ୍ତ କରିବା ନାମରେ ଉଭ୍ରାନ୍ତ ହୋଇ ମାରପିଟ୍ କରିବା, ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ରାସ୍ତା ଅବରୋଧ କରିବା, ରେଳପଥ ଅବରୋଧ କରିବା,ପୋଡ଼ାଜଳା କରିବା, ସରକାରୀ ସମ୍ପତ୍ତିକୁ ଭାଙ୍ଗିରୁଜି ଚୁରୁମାର କରିବା ଅଧିକାର କାହାର ନାହିଁ । ଯେଉଁ ସମ୍ପତ୍ତି ନଷ୍ଟ ହେଉଛି ଆନ୍‌ଦୋଳନ ସମୟରେ ତାହା ଆମରି ଟଙ୍କାରେ ତିଆରି ହୋଇଛି । ଅର୍ଥାତ୍ ଆମେ ନିଜେ ନିଜ ଦେଶର ସମ୍ପତ୍ତିକୁ ନଷ୍ଟ କରୁଛୁ । ଅଧିକାର ପାଇଁ ଲଢେଇ କରିବା ବେଳେ ନିଜର କର୍ତ୍ତବ୍ୟକୁ ଭୁଲିଯିବା ଓ ମାନବୀୟ ଗୁଣକୁ ପାଦତଳେ ଦଳି ଦେବା ଆଦୌ ଗ୍ରହଣୀୟ ନୁହେଁ । ଯେଉଁ ସମ୍ବିଧାନ ଅଧିକାର ଦେଇଛି, ସେହି ସମ୍ବିଧାନ ନାଗରିକ ମାନଙ୍କର କର୍ତ୍ତବ୍ୟ ପରାୟଣତା ବିଷୟରେ ବି କହିଛି । କିନ୍ତୁ ଦୁଃଖର ବିଷୟ ଏଇଆ ଯେ ଆମେ ନିଜର ଅଧିକାର ବିଷୟରେ ଯେତେ ସଚେତନ ଓ ଜାଗ୍ରତ, ସେହି ତୁଳନାରେ ଆମେ ଆମର କର୍ତ୍ତବ୍ୟ ପରାୟଣତା ପ୍ରତି ସେତେଟା ଗୁରୁତ୍ୱ ଦେଉ ନାହୁଁ । ଭୁଲି ଯାଉଛୁ ଅଧିକାର ଓ କର୍ତ୍ତବ୍ୟ ଅଙ୍ଗାଙ୍ଗୀ ଭାବରେ ଜଡିତ । ଠିକ୍ ଭାବରେ କର୍ତ୍ତବ୍ୟ ନକଲେ, ଅଧିକାର ବି କେତେବେଳେ ଅପହୃତ ହୋଇପାରେ । ଏ ଦେଶକୁ ଶହ ଶହ ବର୍ଷ ଧରି ବିଭିନ୍ନ ସମୟରେ ବିଦେଶୀ ମାନେ ଶାସନ କରିଛନ୍ତି । ଐତିହାସିକ ମଠ ମନ୍ଦିର,ଗୁରଦ୍ୱାର ଭଳି ଆମର ପବିତ୍ର ପୀଠ ସ୍ଥଳୀକୁ ଭାଙ୍ଗିରୁଜି ଚୁରୁମାର କରିଛନ୍ତି, ବାରମ୍ବାର ଲୁଣ୍ଠନ କରିଛନ୍ତି ସୁନାର ପକ୍ଷୀ ଭାରତବର୍ଷକୁ । ଆମ ଆସ୍ଥା ବିଶ୍ୱାସକୁ ପଦାଘାତ କରିଛନ୍ତି । ଅମୂଲ୍ୟ ଜ୍ଞାନର ଭଣ୍ଡାର ନାଳନ୍ଦା ବିଶ୍ୱବିଦ୍ୟାଳୟକୁ ଅଗ୍ନିରେ ଆହୁତି ଦେଇଛନ୍ତି। ଆମ ଝିଅ ବୋହୁଙ୍କ ଇଜ୍ଜତକୁ ନିଲାମ କରିଛନ୍ତି । ମାରଣାସ୍ତ୍ର ଓ ମୃତ୍ୟୁର ଭୟ ଦେଖେଇ ଲକ୍ଷ ଲକ୍ଷ ଲୋକଙ୍କର ଧର୍ମ ପରିବର୍ତନ କରିଛନ୍ତି । ଏସବୁ ଘଟଣା ପଛରେ କାରଣ ହେଲା ସେତେବେଳେ ଆମେ ଏକ ମନ ଏକ ପ୍ରାଣରେ ଆମର କର୍ତ୍ତବ୍ୟ ଓ କର୍ମ ସଠିକ୍ ଭାବରେ ସମ୍ପାଦନ କରି ନାହୁଁ ଯାହାର ଫାଇଦା ନେଇଛନ୍ତି ଅସଭ୍ୟ ବର୍ବର ଆକ୍ରମଣକାରୀ । ଯେଉଁମାନେ ବି ଏ ପବିତ୍ର ମାଟି ପାଇଁ ଲଢ଼ିଛନ୍ତି, ସେମାନଙ୍କୁ ବିଦେଶୀ ଶକ୍ତି ହାତରେ ଧରେଇ ଦେଇ ବେଇମାନର ପରିଚ଼ୟ ଦେଇଛୁ । ଦେଶ ବିରୋଧରେ ଯାଇ ବିଦେଶୀ ବର୍ବର ମାନଙ୍କ ହାତରୁ ପୁରସ୍କାର ପ୍ରାପ୍ତ ହୋଇ ନିଜର ପାରିବା ପଣିଆରେ ଛାତି ଫୁଲେଇ ଠୋ ଠୋ ହସିଛୁ । ଆମେ ସେତେବେଳେ ଯଦି ଏକ ହୋଇ ନିଜର ତଥା ଦେଶର ସୁରକ୍ଷା ପାଇଁ ବିବେକ କଥାରେ ପରିଚ଼ାଳିତ ହୋଇ ନିଜର କର୍ତ୍ତବ୍ୟ ସୁଚ଼ାରୁରୂପେ ପାଳନ କରିଥାନ୍ତେ, ତାହେଲେ କୋ ?ଣସି ବିଦେଶୀ ଶକ୍ତି ଆମକୁ ହରେଇ ପାରି ନଥାନ୍ତା କି ଆମକୁ ଅକଥନୀୟ ନିର୍ଯାତନାର ଶିକାର ହେବାକୁ ପଡ଼ି ନଥାନ୍ତା । ଭୁଲ୍ କଲେ, ସେଥିପାଇଁ ନିଜର ଅଧିକାର ହରେଇବା ସହିତ ପରାଧିନତାର ବେଢ଼ିରେ ସନ୍ତୁଳି ହେଲେ ଶହ ଶହ ବର୍ଷ ଧରି । ହଁ, ଆଉ ଗୋଟିଏ କଥା, ଆମ ସମାଜରେ


ଭାସ୍କର ବାରିକ୍

କେତେକ ଲୋକ ଅଛନ୍ତି, ସେମାନେ ସମସ୍ତଙ୍କ ପାଇଁ ଥିବା ସୁବିଧା ସୁଯୋଗ ଗୁଡ଼ିକ ଏକଚ଼ାଟିଆ ଉପଭୋଗ କରିପକାନ୍ତି। ଯଥା: ବଜାର, ଓ ଅନ୍ୟାନ୍ୟ ସର୍ବସାଧାରଣ ସ୍ଥାନ ସମ୍ମୁଖସ୍ଥ ରାସ୍ତାରେ କର୍ତ୍ତବ୍ୟ ସଚେତନତା ରହିତ ଲୋକଙ୍କୁ ଆପଣ ପ୍ରାୟତଃ ଦେଖୁଥିବେ। ରାସ୍ତା ଉପରେ ଗାଡ଼ି ରଖିଦେଇ ସେଠାରୁ ପଳେଇବା ଏବଂ ଘଣ୍ଟା ଘଣ୍ଟା ଧରି ସେ ସ୍ଥାନକୁ ନ ଫେରିବା। ରାସ୍ତାରେ କ୍ରମେ କ୍ରମେ ଦୁଇ ଚ଼କିଆ, ତିନି ଚ଼କିଆ ଏବଂ ଚ଼ାରି ଚ଼କିଆ ଇତ୍ୟାଦି ଯିବାକୁ ଯଥେଷ୍ଟ ମାତ୍ରାରେ ଫାଙ୍କା ସ୍ଥାନ ନ ପାଇ ଅଟକି ରହନ୍ତି। ଜନସାଧାରଣ ଏବଂ ପ୍ରଶାସନ, ଉଭୟେ ଏଥିପାଇଁ ଦୋକାନୀ ମାନଙ୍କ ବିରୁଦ୍ଧରେ ଗ୍ରାହକମାନଙ୍କ ଗାଡ଼ି ପାର୍କିଂ ପାଇଁ ସ୍ଥାନ ରଖିନଥିବାର ଅଭିଯୋଗ କରନ୍ତି। ଏ ପ୍ରକାର ଅବ୍ୟବସ୍ଥା ପାଇଁ ପ୍ରକୃତରେ କିଏ ଦାୟୀ ତାହା ଆପଣମାନେ ଜାଣିପାରୁଥିବେ। କିନ୍ତୁ ତାଙ୍କ ଭୁଲ୍ ତାଙ୍କୁ ସୁଚ଼ାଇଲେ ଓଲଟା ଫଳାଫଳ ମିଳେ। ଗାଡିଟା ଯଦି ଗୁଣ୍ଡା ବଦମାସ ଲୋକଟିର ହୋଇଥାଏ, ତେବେ ଆଲୋ ସଖୀ, ଆପଣା ମହତ ଆପେ ରଖି ନ୍ୟାୟରେ ଆପଣଙ୍କୁ ଚୁପ ରହିବାକୁ ପଡ଼ ?। ନଚେତ ଆପଣ ଶୁଣିବେ କର୍କଶ ଅଭଦ୍ରାମି ସମ୍ବଳିତ ଗାଳି। ଶେଷରେ ଏ କଥା ମଧ୍ୟ କହିବେ, ରାସ୍ତା ଉପରେ ଗାଡ଼ି ରଖିଲେ ତୋର କଣ ହେଲା । ରାସ୍ତା କଣ ତୋ ବୋପାର ? ମୁଁ ଉଠେଇବି ନାହିଁ, ଯା, କଣ ମୋର ଛିଣ୍ଡେଇବୁ । ଏତିକି କହିଦେଇ ସନ୍ତୁଷ୍ଟ ହେବେ ନାହିଁ। ଦି ଚ଼ାରି ଜଣ ସାଙ୍ଗ, ଯିଏ କି ଅସାମାଜିକ ଗୁଣ୍ଡା , ସେମାନଙ୍କୁ ସେଇ ସ୍ଥାନକୁ ଡକେଇ ଅଧିକ ଗୁଣ୍ଡାମି କରିବେ। ରାସ୍ତା ଉପରେ ଗୋଟିଏ ନୁହେଁ, ପାଞ୍ଚ ଛଅଟା ଗାଡ଼ି ଅନିୟମିତ ଭାବେ ରଖିଦେଇ ଆପଣଙ୍କୁ ଚ଼ିଡାଇବେ। ଏ ସବୁ କଣ ସେମାନଙ୍କର ଅଧିକାର ? ନା ସେମାନେ ଅନ୍ୟମାନଙ୍କ ପ୍ରତି ନିଜର କର୍ତ୍ତବ୍ୟ ସମ୍ପର୍କରେ ସଚେତନ ? ଇଏ ଦିଇଟା କଥାରୁ ଗୋଟାଏ ବି ନୁହେଁ । ଆଉ କିଛି ଲୋକ ଅଛନ୍ତି, ରାସ୍ତାକୁ ଅଧାରୁ ଅଧିକ କଭର କରି ବାଲି,ଚ଼ିପ୍ସ ଇତ୍ୟାଦି ରଖିଥିବେ ସତେ ଯେମିତି ସର୍ବସାଧାରଣ ରାସ୍ତା ସେମାନଙ୍କର ପୈତୃକ ସଂପତ୍ତି । ଯଦି କେହି ଏକଥାକୁ ବିରୋଧ କଲା, ନିଜ ଭୁଲ୍ ସ୍ୱୀକାର କରିବା ବଦଳରେ ଆରମ୍ଭ କରନ୍ତି ଅଯଥା ଝଗଡ଼ା । ବେଳେ ବେଳେ ବି ହାତାହାତି ଓ ବାଡିଆ ପିଟା ପର୍ଯ୍ୟନ୍ତ କଥା ଯାଏ । ଏତେସବୁ କହିବା ପଛରେ ଏଇ ଅଳ୍ପଦିନ ତଳେ ଏକ ବିଶେଷ ଅଙ୍ଗେ ନିଭାଇଥିବା ଘଟଣା ,ରାସ୍ତା ରୋକ, ଅଧିକାର ଓ କର୍ତ୍ତବ୍ୟ ସମ୍ବନ୍ଧରେ କେଇ ଧାଡ଼ି ଲେଖିବାକୁ ମୋ କଲମ ମୋତେ ବାଦ୍ଧ୍ୟ କରିଛି ଯାହା ଆପଣମାନଙ୍କ ସଦୟ ଅବଗତି ନିମନ୍ତେ ମୁଁ ସେହି ଘଟଣାଟିକୁ ବର୍ଣ୍ଣନା କରୁଛି ।

ଖାଦ୍ୟ ବସ୍ତ୍ର ବାସଗୃହ ଜଣେ ବ୍ୟକ୍ତିର ଜିଇଁବା ପାଇଁ ସର୍ବନିମ୍ନ ଆବଶ୍ୟକତା । ଖାଦ୍ୟ ଭିତରେ ପାଣିର ଆବଶ୍ୟକତା ଅତ୍ୟନ୍ତ ଜରୁରୀ । ଜଳ ନାହିଁ ତ ଜୀବନ ନାହିଁ । ସେଥିପାଇଁ କୁହାଯାଏ ଜଳ ହିଁ ଜୀବନ । ଜ୍ୟେଷ୍ଠ ମାସର ପ୍ରଚ଼ଣ୍ଡ ଖରାରେ ବାହାର କାମ ସାରି ଘରକୁ ଫେରିଲେ ଗୋଟେ ଶୀତଳ ପାଣି ଗ୍ଲାସ୍ କେତେ ଶାନ୍ତି ଦିଏ ପ୍ରାଣକୁ, ତାହା ଆମେ ସମସ୍ତେ ଅନୁଭବ କରିଛନ୍ତି । କିନ୍ତୁ ଯଦି ସାଧାରଣ ଜନତା ଏହି ଜଳରୁ ବଂଚ଼ିତ ହୁଅନ୍ତି, ତେବେ ପ୍ରଚ଼ଣ୍ଡ ରୌଦ୍ରତାପକୁ ଖାତିରି ନକରି ନିଜର ଆବଶ୍ୟକତା ଓ ହକ୍ ପାଇଁ ରାସ୍ତା ଉପରକୁ ଓହ୍‌ଲେଇ ଆସିବାକୁ ବାଧ ହୁଅନ୍ତି । ସେଦିନ ସେମିତି କିଛି ଘଟଣା ଘଟିଥିଲା ଯାହା ମୁଁ ଦେଖିଲି ସକାଳେ କାମ କରୁଥିବା କାର୍ଯ୍ୟାଳୟକୁ ଯିବା ବାଟରେ । ପାଖାପାଖି ଶହେ ଉଭୟ ସ୍ତ୍ରୀ ପୁରୁଷ ଓ କିଛି ଛୋଟ ଛୋଟ ପିଲା ରାସ୍ତା ଅବରୋଧ କରିଛନ୍ତି । ରାସ୍ତା ଉପରେ ଶହ ଶହ ମାଠିଆ ରଖି ଠିଆ ହୋଇଛନ୍ତି । ସେମାନଙ୍କର ଅଭିଯୋଗ ତାଙ୍କ ଗାଁରେ ପାନୀୟ ଜଳର ଉତ୍କଟ ଅଭାବ । ଏହି ଗ୍ରୀଷ୍ମ ଋତୁରେ ସେମାନେ ଜଳ କଷ୍ଟ ଭୋଗୁଛନ୍ତି । ସ୍ଥାନୀୟ ଲୋକ ପ୍ରତିନିଧି ମାନଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ କଳରେ ଥିବା ବାବୁ ମାନଙ୍କୁ ଅନେକ ଥର ଏହି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରିଛନ୍ତି କିନ୍ତୁ ସମସ୍ୟାର ସମାଧାନ ହେଇ ପାରୁନି । ଖାଲି ଆଶ୍ୱାସନା ଓ ପ୍ରତିଶ୍ରୁତିରେ ସୀମିତ ରହିଛି ସେମାନଙ୍କର ସମସ୍ୟା । ସେଥିପାଇଁ ସେମାନେ ରାସ୍ତା ଅବରୋଧ କରିଛନ୍ତି । ସେମାନଙ୍କର ବିଶ୍ୱାସ ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧି ସେମାନଙ୍କ ପାଖକୁ ଆସିବେ ସମସ୍ୟାର ସମାଧାନ ପାଇଁ । ନିଜର ସର୍ବନିମ୍ନ ଆବଶ୍ୟକତାରୁ ସ୍ୱାଧୀନତାର ଅନେକ ଦଶନ୍ଧି ପରେ ବି ସାଧାରଣ ଜନତା ଯଦି ବଂଚ଼ିତ ହୁଅନ୍ତି , ସେମାନେ ଆନ୍‌ଦୋଳନ କରିବେ, ରାସ୍ତା ରୋକ କରିବେ ନିଜର ଅଧିକାର ପାଇଁ । ଜନ ପ୍ରତିନିଧି ଓ ପ୍ରଶାସନ ନିଜର କର୍ତ୍ତବ୍ୟକୁ ସୁଚ଼ାରୁରୂପେ ପାଳନ କରି ନାହାଁନ୍ତି । ଯଦି ସେହି ଗରିବ ଗାଉଁଲି ମଣିଷ ମାନଙ୍କର ସମସ୍ୟାର ସମାଧାନର ଦାବି ଉପରେ ଗୁରୁତ୍ୱ ଦେଇ ବିଚ଼ାର କରା ଯାଇଥାନ୍ତା , ତାହେଲେ ଆଜି ରାସ୍ତା ଉପରେ ଶହ ଶହ ଲୋକ ଆନ୍‌ଦୋଳନ କରି ନଥାନ୍ତେ ରାସ୍ତା ଉପରେ ଖରାରେ ଠିଆହୋଇ । ସେମାନଙ୍କର ରାସ୍ତା ରୋକ ପାଇଁ ମୋ ଭଳି ଅନେକ ଲୋକ ନିଜର କାର୍ଯ୍ୟାଳୟକୁ ଯାଇ ନପାରି ଅଧାରେ ଅଟକି ରହିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଗାଡ଼ିର ଭିଡ଼ । ନିଜ ନିଜର କାମଧନ୍ଦାରେ ସକାଳୁ ଘରୁ ବାହାରିଥିବା ଲୋକ ହୀନସ୍ତା ହେଉଛନ୍ତି । ସମସ୍ତଙ୍କ ସହିତ ଏ ଅଧମ ବି ଚୁପଚ଼ାପ୍ ଗାଡ଼ି ରଖି ଠିଆହୋଇ ରହିଥାଏ । ମୁଣ୍ଡ ଭିତରେ ଗୋଟିଏ ଚ଼ିନ୍ତା ବାରମ୍ବାର ଘାରୁଥାଏ କେତେବେଳେ ରାସ୍ତା ରୋକ ହଟିବ ଆଉ ମୁଁ ଅଫିସ୍ ଯିବି । ଘରୁ ସକାଳେ ବାହାରିଥିଲି, ଅଫିସ୍ କାମ ସାରି ଉପରିସ୍ଥ ଅଧିକାରୀଙ୍କ ଅନୁମତି ନେଇ ଭୁବନେଶ୍ୱର ଯିବି ଏକ ଅତ୍ୟନ୍ତ ଜରୁରୀ ମେଡିକାଲ କାମରେ । ମୋ ଶାଶୁଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ଡ଼ାକ୍ତରଖାନାରେ ଆଣ୍ଠୁ ଅପରେସନ ପାଇଁ ଆଡ଼ମିଶନ କରି ଆସିଥିଲି ଦୁଇଦିନ ତଳେ । ତାଙ୍କ ପାଖରେ ମୋ ସ୍ତ୍ରୀ ଅଛନ୍ତି । ଶଶୁରଙ୍କ ଦେହାନ୍ତ ପରେ ତାଙ୍କର ଆଉ କେହି ନାହାଁନ୍ତି । ତାଙ୍କର ଏକମାତ୍ର ଝିଅକୁ ମୁଁ ବିବାହ କରିଥିବାରୁ ବୃଦ୍ଧା ଅବସ୍ଥାରେ ତାଙ୍କର ଦାୟିତ୍ୱ ନେବା ମୋର କର୍ତ୍ତବ୍ୟ । ସକାଳେ ମୋ ଧର୍ମପତ୍ନୀ ମୋତେ ଫୋନ୍ କରି କହିଲେ ଆସନ୍ତା କାଲି ମାଆର ଅପରେସନ ହେବ । ଡାକ୍ତର କହିଛନ୍ତି ଗୋଟେ ୟୁନିଟ୍ ରକ୍ତ ଯୋଗାଡ଼ କରିବାକୁ । ମୋ ମୁଣ୍ଡରେ ଚ଼ିନ୍ତା କେତେବେଳେ ଅଫିସ୍ ଯିବି, ଅଫିସ୍ କାମ ସାରି ଭୁବନେଶ୍ୱର ଯିବି, ଅପରେସନ ପାଇଁ ଆବଶ୍ୟକ ଟଙ୍କା ଡିପୋଜିଟ କରି ଗୋଟେ ୟୁନିଟ୍ ରକ୍ତ ଦେଇ ପୁଣି ରାତିରେ ଘରକୁ ଫେରି ପରଦିନ ଅଫିସ୍ କରିବି ଯେହେତୁ ଅଫିସ୍ ରେ ଜରୁରୀ କାମ ଅଛି । କାମ କରୁଥିବା କାର୍ଯ୍ୟାଳୟରୁ ଭୁବନେଶ୍ୱରର ଦୂରତା ପାଖାପାଖି ଦୁଇଶହ କିଲୋମିଟର । ବ୍ୟକ୍ତିଗତ ଭାବରେ ନିଜେ ଗାଡ଼ି ନେଇ ଗଲେ ମିନିମମ ତିନି ଘଣ୍ଟାର ରାସ୍ତା । ଭାରି ବ୍ୟସ୍ତ ବିବ୍ରତ ଲାଗୁଥାଏ । ରାସ୍ତା ରୋକ କରିଥିବା କିଛି ଲୋକଙ୍କୁ ମୋର ସମସ୍ୟା ବିଷୟରେ କହିଲି କିନ୍ତୁ ସେମାନଙ୍କ ଉତ୍ତର ଥିଲା,ଆଗ ସେମାନଙ୍କ ସମସ୍ୟାର ସମାଧାନ ହେବ, ତା'ପରେ ରାସ୍ତା ରୋକ ହଟିବ । ଏହାରି ଭିତରେ ଦୁଇ ଘଣ୍ଟାରୁ ଅଧିକ ସମୟ ବିତି ଗଲାଣି । ସମୟ ଯେତେ ଅତିକ୍ରାନ୍ତ ହେଉଥାଏ,ମୋ ମନରେ ଆମ ବ୍ୟବସ୍ଥା,ଶାସନ ଓ ପ୍ରଶାସନ ଉପରେ ଭୀଷଣ କ୍ରୋଧ ଆସୁଥାଏ କିନ୍ତୁ କିଛି କରିବାର ଉପାୟ ନଥାଏ । ଦୁଇ ଘଣ୍ଟା ପରେ ଗୋଟେ ପୁଲିସ୍ ଗାଡ଼ି ଆସିଲା । ପରେ ପରେ କିଛି ପଦସ୍ଥ ଅଧିକାରୀ ଓ ସ୍ଥାନୀୟ ଲୋକ ପ୍ରତିନିଧି ଆସିଲେ ଘଟଣା ସ୍ଥଳକୁ । ଲୋକଙ୍କୁ ପ୍ରତିଶ୍ରୁତି ଦେଲେ ଯେପର୍ଯ୍ୟନ୍ତ ସେହି ଗାଁରେ ଜଳ ସମସ୍ୟାର ସ୍ଥାୟୀ ପ୍ରତିକାର ହୋଇନାହିଁ, ସେମାନଙ୍କୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ । କଥା କଟାକଟି, ଯୁକ୍ତିତର୍କ ଓ ସମାଧାନର ବାଟ ବାହାରିବା ପରେ ରାସ୍ତା ରୋକ ହଟିଲା । ରାସ୍ତା ରୋକ, ଆନ୍‌ଦୋଳନ ସମୟରେ ଗୁଣ୍ଡାଗର୍‌ଦି, ଭଙ୍ଗାରୁଜା, ହିଂସାକାଣ୍ଡ ଇତ୍ୟାଦି ଘଟିବାର ଅସଂଖ୍ୟ ଉଦାହରଣ ଆମେ ସମସ୍ତେ ଦେଖିଛନ୍ତି । ସେଦିନ କିନ୍ତୁ ଗୋଟିଏ କଥା ମୋ ନଜରକୁ ଆସିଲା ଯେ ରାସ୍ତା ରୋକ କରିଥିବା ଗାଁ ଲୋକ କେହି ହିଂସାକାଣ୍ଡ ଭିଆଇ ନଥିଲେ । ସେମାନେ ଶାନ୍ତିପୂର୍ଣ୍ଣ ଭାବରେ ରାସ୍ତା ଅବରୋଧ କରିଥିଲେ । ସେମାନେ ଗରୀବ ଗ୍ରାମବାସୀ ଥିଲେ। ବୋଧହୁଏ ସେମାନେ ବୁଝିଥିଲେ ଲୋକଙ୍କୁ ଆକ୍ରମଣ କରିବା, ଗାଡିଘୋଡା ଭଙ୍ଗାରୁଜା ଭଳି ହିଂସାକାଣ୍ଡ କରିବା ଆଇନ୍ ବିରୁଦ୍ଧ । ଏହି କଥାଟି ଯଦି ସମସ୍ତେ ବୁଝନ୍ତେ ଦେଶର କୋଟିକୋଟି ଟଂକା ଆଉ ଆନ୍‌ଦୋଳନ ନାମରେ ବରବାଦ ହୁଅନ୍ତା ନାହିଁ । ବିଶେଷକରି ରାଜନୈତିକ ଆନ୍‌ଦୋଳନ ସମୟରେ ଯେଉଁମାନେ ନେତୃତ୍ୱ ନେଇ ଲୋକ ଠୁଳ କରି ନିଜର କ୍ରୋଧକୁ ରୋକି ନପାରି ଅହଂଙ୍କାରର ବଶବର୍ତ୍ତୀ ହୋଇ ଦେଶର ସମ୍ପତ୍ତି ନଷ୍ଟ କରୁଛନ୍ତି , ସେମାନେ ବୁଝିବା ଦରକାର ସେମାନେ ନିଜର ସମ୍ପତ୍ତି ନଷ୍ଟ କରିବା ସହିତ ନିଜ କର୍ତ୍ତବ୍ୟ ପ୍ରତି ସଂପୂର୍ଣ୍ଣ ଆଖି ବୁଜି ଦେଉଛନ୍ତି । ହଁ ଆଉ ଗୋଟିଏ କଥା ଧର୍ମର ଦ୍ୱାହି ଉପରବାଲାଙ୍କୁ ଡାକିବା ନାମରେ ଯେଉଁମାନେ ଯେଉଁଠି ସେଇଠି ବିନା କାରଣରେ ରାସ୍ତା ଅବରୋଧ କରି ବସି ଯାଉଛନ୍ତି, ସେମାନେ ମଣିଷ ତ ? ତମେ ତମ ଇଶ୍ୱରଙ୍କୁ ଡାକିବାକୁ କେହି ବିରୋଧ କରୁ ନାହାଁନ୍ତି , କିନ୍ତୁ ତୁମେ ରାସ୍ତା ମଝିରେ ଲୋକଙ୍କ ଅଧିକାରକୁ ପଦାଘାତ କରି ଆଇନ୍ ବିରୁଦ୍ଧ କାମ କରିବା ସମୀଚ଼ିନ ନୁହେଁ କି ଗ୍ରହଣୀୟ ନୁହେଁ । ଏଇଟା ସଂପୂର୍ଣ୍ଣ ଭୁଲ୍ । ଧର୍ମ ନିରପେକ୍ଷତା ମାନେ କ'ଣ ସମ୍ବିଧାକୁ ବେଖାତିର କରି ହଜାର ହଜାର ଲୋକଙ୍କୁ ସେମାନଙ୍କ ଅଧିକାରରୁ ବଂଚ଼ିତ କରିବା ? ଧର୍ମ ନାମରେ ଅହଂଙ୍କାରୀ ହୋଇ ଉପରବାଲାଙ୍କୁ ଡାକିବା ନାମରେ ରାସ୍ତା ଅବରୋଧ କରିବା,ଯାତାୟତକୁ ସ୍ଥାଣୁ କରିଦେବା କେଉଁ ମଣିଷ ପଣିଆ ଓ ଅଧିକାର ? ତମ ଘରେ ବସି ଘଣ୍ଟା ଘଣ୍ଟା ଧରି ତୁମ ଆସ୍ଥା ବିଶ୍ୱାସର ଉପରବାଲାଙ୍କୁ ଡାକ, ତୁମକୁ କେହି ବାରଣ କରିବେ ନାହିଁ । ଭୁଲ୍ କଲେ ସାଧାରଣ ଜନତା ଘୋର ବିରୋଧ କରିବେ । ଏଇଟା ମଣିଷ ପଣିଆ କି ଅଧିକାର ନୁହେଁ , ଏଇଟା ମୋ ବୁଝିବାରେ ଅଧର୍ମ ଓ ପୈଶାଚ଼ିକ ପ୍ରବୃତ୍ତି । କିନ୍ତୁ ଏଠାରେ ଏହି ରାସ୍ତା ରୋକ କ୍ଷେତ୍ରରେ ଗରୀବ ନିରିହ ଗ୍ରାମବାସୀ କେବଳ ନିଜର ଆବଶ୍ୟକତା ଓ ଅଧିକାର ପାଇଁ ରାସ୍ତା ରୋକ କରିଥିଲେ । ସେମାନେ ଏହି କାମ ସ୍ଥାନୀୟ ବ୍ଲକ୍ ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କରିଥିଲେ , ସେମାନଙ୍କ ପାଇଁ ଆଉ କେହି ମୋ ପରି ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗି ନଥାନ୍ତେ । ନିଜର ଅଧିକାର ସାବ୍ୟସ୍ତ କରିବା ପାଇଁ ଆଉ କାହାର ଅଧିକାର କ୍ଷୁର୍ଣ୍ଣ କରିବା ଉଚ଼ିତ ନୁହେଁ । ଆଉ କାହାର ଅଧିକାର କ୍ଷୁର୍ଣ୍ଣ କରିବା ଅର୍ଥ ନିଜର କର୍ତ୍ତବ୍ୟ ପ୍ରତି ଆଖି ବୁଜି ଦେଇ ଅନ୍ଧ ଧୃତରାଷ୍ଟ୍ର ପରି ଅଭିନୟ କରିବା । ଭାରତର ପ୍ରତ୍ୟେକ ନାଗରିକ ନିଜର ଯଥାର୍ଥ ଯୁକ୍ତିଯୁକ୍ତ ଅଧିକାର ଉପଭୋଗ କରନ୍ତୁ କିନ୍ତୁ ସବୁ ସୀମା ଉଲଂଘନ କରି ଆଇନ୍ କୁ ବେଖାତିର୍ ନ କରନ୍ତୁ । ନିଜର ଅଧିକାର ଉପଭୋଗ କରିବା ସହିତ ଅନ୍ୟମାନଙ୍କୁ ବି ସେମାନଙ୍କ ଅଧିକାର ଉପଭୋଗ କରିବାକୁ ଦିଅନ୍ତୁ । ଭାରତର ସମ୍ବିଧାନ ପରା କୁହେ ନିଜେ ବଂଚ଼ିବା ସହିତ ଅନ୍ୟକୁ ଭଲରେ ବଂଚ଼ିବା ପାଇଁ ସୁଯୋଗ ଦିଅ । ଖାଲି ଅଧିକାର ଅଧିକାର କଥା କହି କର୍ତ୍ତବ୍ୟକୁ ଭୁଲିଗଲେ ସମାଜ ପାଇଁ, ଦେଶ ପାଇଁ ତାହା ହାନିକାରକ ଓ ଅମଙ୍ଗଳ ସୁଚ଼କ ହେବ । ଏକ ଜନ ମଙ୍ଗଳ ରାଷ୍ଟ୍ରରେ ଶାସନ ପ୍ରଶାସନର କର୍ତ୍ତବ୍ୟ ନାଗରିକ ମାନଙ୍କର ଯଥାର୍ଥ ସର୍ବନିମ୍ନ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବା । ଏଥିରେ ବ୍ୟତିକ୍ରମ ହେଲେ, ସମସ୍ୟା ଘନିଭୂତ ହୋଇ ରାସ୍ତା ରୋକ ଓ ଆନ୍‌ଦୋଳନ ପରି ଭୟଙ୍କର ଲଘୁଚ଼ାପର ରୂପ ନେବ ଓ ଅଯଥାରେ ଅଗଣିତ ଲୋକ ଶାରୀରିକ, ମାନସିକ ଓ ଆର୍ଥିକ ଦୃଷ୍ଟିରୁ ଯନ୍ତ୍ରଣା ଭୋଗିବେ ଯାହା ଆମ ସମାଜ ଓ ଦେଶ ପାଇଁ ଆଦୌ ? ଶୁଭଙ୍କର ନୁହେଁ । ମୋର ଅନୁଭବ ହୁଏ ଭାରତର ନାଗରିକ ଭାବରେ ଆମେ ଯଦି ଆମର କର୍ତ୍ତବ୍ୟ ପରାୟଣତା ବିଷୟର ? ଯଥେଷ୍ଟ ସଚେତନ ହେବା, ତାହେଲେ ଆମକୁ ଆମ ଅଧିକାର ପାଇଁ ଆଉ କାହା ପାଖରେ ମୁଣ୍ଡ ନୁଆଇଁ ବାକୁ ପଡିବନି । କର୍ମ ଓ କର୍ତ୍ତବ୍ୟ ଠିକ୍ ଭାବରେ କଲେ, ଅଧିକାରର ମିଠାଫଳ ନିଶ୍ଚିତ ଆମେ ଉପଭୋଗ କରିପାରିବା ।

*ବାସୁଦେବପୁର,ଭଦ୍ରକ*
*ଦୂରଭାଷ ୯୪୩୭୩୨୦୩୫୦*




# ଈଶ୍ୱରୀୟ ଭାବନା

ଜଗତର ସ୍ରଷ୍ଟା ଈଶ୍ୱର। ସେ ଉପରେ ରହନ୍ତି। ତାଙ୍କୁ ଭକ୍ତି କରିବାକୁ ହୁଏ। ଭୟ ମଧ କରିବାକୁ ହୁଏ, କାରଣ ସେ ସର୍ବଶକ୍ତିମାନ ଓ ସର୍ବ କ୍ଷମତା ସମ୍ପନ୍ନ। ଏହିପରି ଏକ ଧାରଣା ଆମ ସମସ୍ତଙ୍କ ଉପରେ ନିହିତ। ଈଶ୍ୱରଙ୍କ ସମ୍ବନ୍ଧରେ କୌଣସି ସୁସ୍ପଷ୍ଟ ଧାରଣା ବା ଉଦାହରଣ ଆମ୍ଭ ମାନଙ୍କ ସମ୍ମୁଖରେ ନାହିଁ। ପୁଣି ଭଗବାନ କୃଷ୍ଣ, ଭଗବାନ ରାମ ସର୍ବଶକ୍ତିମାନ କୁହାଯାଏ, ଈଶ୍ୱରଙ୍କ ସହିତ ଏମାନଙ୍କ କଣ ସମ୍ପର୍କ ? ପୁଣି କେହି କେହି ଈଶ୍ୱର ଓ ଭଗବାନଙ୍କୁ ଏକ ବୋଲି କୁହନ୍ତି। ଯିଏ ଭଗବାନ ସେ ହିଁ ଈଶ୍ୱର। ଐଶ୍ୱର୍ଯ୍ୟ, ବୀର୍ଯ୍ୟ, ଯଶ, ଶ୍ରୀ, ଜ୍ଞାନ ଓ ବୈରାଗ୍ୟ ଏହି ଛଅଟି ଗୁଣର ଅଧିକାରୀ ଯିଏ ଯିଏ ନିତ୍ୟ ଭଗବାନ ଅର୍ଥାତ୍ ସେବା ପରାୟଣ ତାଙ୍କୁ ହିଁ ଭଗବାନ କୁହାଯାଏ। ତେଣୁ ଭଗବାନ ବହୁତ ହୋଇପାରନ୍ତି – ଯେପରି ଭଗବାନ ବ୍ୟାସ, ଭଗବାନ ବଶିଷ୍ଠ, ଭଗବାନ ମନୁ ଇତ୍ୟାଦି। କିନ୍ତୁ ଈଶ୍ୱର ଏକ, ଅଦ୍ୱିତୀୟ ଓ ଅନନ୍ତ। ସାଧନା ମାଧ୍ୟମରେ ଭଗବତ୍ତା ଲାଭ ହୁଏ, କିନ୍ତୁ ଈଶ୍ୱର ଇଚ୍ଛାମୟ। ଈଶ୍ୱର ସ୍ୱେଚ୍ଛାରେ ନରବପୁ ଧାରଣ କରି ପୃଥିବୀରେ ଅବତରଣ କରନ୍ତି। ଭଗବତ୍ତା ଈଶ୍ୱରଙ୍କ ଠାରେ ସହଜ ଓ ସ୍ୱାଭାବିକ। ପରମପୁରୁଷ ପରମ ଦୟାଲ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କୁ ଆଶ୍ରୟ କରି ଜଣାପଡ଼ିଲା ଜ୍ଞାନ, ବିଜ୍ଞାନ, ଭକ୍ତି, ବିଶ୍ୱାସ, ଚୈତନ୍ୟ, ବିବର୍ତ୍ତନ, ଶିକ୍ଷା, ଦୀକ୍ଷା, ଜୀବନ, ସମାଜ, ରାଷ୍ଟ୍ର, ମନୁଷ୍ୟତ୍ୱ, ପ୍ରେମ, ନିରାପତ୍ତାବୋଧ, ଶିଷ୍ଟତା, ଲୋକ କଲ୍ୟାଣ ପ୍ରଭୃତିର ପ୍ରକୃତ ଅର୍ଥ ଓ ପରିଚୟ। ପ୍ରତିଟି ବିଷୟ ନୀତିଗତ ଓ ବାସ୍ତବ ଭାବରେ ଛାନ୍ଦିକ ବିନ୍ୟାସ ସହକାରେ ମଙ୍ଗଳ ତାତ୍ପର୍ଯ୍ୟରେ ସାମଗ୍ରିକତା ସହକାରେ ତାଙ୍କ ଜୀବନରେ ଓ ଚରିତ୍ରରେ ମୂର୍ତ୍ତ ଥିଲା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପରି ସଦ୍‌ଗୁରୁ ଲାଭ ମହା ଭାଗ୍ୟର କଥା। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଶିକ୍ଷା ଦେଲେ ଈଶ୍ୱର ଆକାଶରେ ବା କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ନାହାନ୍ତି। ଈଶ୍ୱର ସବୁ କିଛିର ଉତ୍ସ, ସର୍ବବ୍ୟାପୀ, ସେ ବୋଧ-ସ୍ୱରୂପ, ଜ୍ଞାନ ସ୍ୱରୂପ, ଅନନ୍ତ ହୋଇ ମଧ ଏକ, ଖଣ୍ଡିତ ହୋଇ ମଧ ଅଖଣ୍ଡ, ପରିମାପିତ ହୋଇ ମଧ ଅପରିମେୟ, ସେ ପରମ କାରୁଣିକ, ସର୍ବେଶ୍ୱର ଅଥଚ ସମସ୍ତ କାରଣର କାରଣ ଓ ଜୀବନ ଉତ୍ସ। ଈଶ୍ୱରଙ୍କ ଶବ୍ଦର ମୂଳରେ ଅଛି ଈଶ୍ ଧାତୁ ଯାହାର ଅର୍ଥ ହେଉଛି ପ୍ରଭୁତ୍ୱ ଓ ଆଧିପତ୍ୟ। ଈଶ୍ୱର ସମସ୍ତଙ୍କର ପ୍ରଭୁ ଓ ଅଧିପତି। ପ୍ରଭୁ ଶବ୍ଦରେ ଅଛି ପ୍ର ଓ ଭୁ ଯାହାର ଅର୍ଥ ପ୍ରକୃଷ୍ଟ ରୂପେ ହେବା। ପ୍ରଭୁ ପ୍ରକୃଷ୍ଟ ରୂପରେ ସବୁ କିଛି ହୋଇ ଉଠିଛନ୍ତି। ପୃଥିବୀର ସବୁକିଛି ଈଶ୍ୱରଙ୍କ ଠାରୁ ଜାତ। ବିବର୍ତ୍ତନର ବହୁ ପାହାଚ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଅତିକ୍ରମ କରି ବର୍ତ୍ତମାନ ଏହି ଅବସ୍ଥାରେ ପହଞ୍ଚିଛି। ଏକ ଐଶ୍ୱରୀୟ ଶକ୍ତି ନାନା ଭାବରେ ବିକଶିତ ହୋଇ ଉଠିଛି। ଏହି ହୋଇ ଉଠିବାର ସମ୍ବେଗ ତାଙ୍କ ମଧରେ ଅନୁସ୍ୟୂତ ଥିଲା ଓ ବିହିତ ପ୍ରକ୍ରିୟା ଓ ଆବର୍ତ୍ତନ ମଧ ଦେଇ ତାହା ବର୍ତ୍ତମାନ ଏହି ରୂପ ପରିଗ୍ରହ କରିଛି। ଏହି ପ୍ରତିଟି ବସ୍ତୁ ମଧରେ ଏକ ଛାନ୍ଦିକ ବିନ୍ୟାସ ରହିଛି। ଏହାବାଦ ଦେଇ ସବୁ ପଦାର୍ଥର ଏକ ବୈଶିଷ୍ଟ୍ୟ ବା ବିଶେଷ ଗୁଣ ରହିଛି। ଏହି ହୋଇ ଉଠିବା ସଙ୍ଗେ ସଙ୍ଗେ ବଜାୟ ରହିବାର ସମ୍ବେଗ ବା ସ୍ଥିତିତ୍ୱର ସମ୍ବେଗ ମଧ ଈଶ୍ୱରଙ୍କ ପାଖରେ ବିଦ୍ୟମାନ। ଜୀବନ ଯେପରି ଅସ୍ତିତ୍ୱ ବଜାୟ ରହିବ ଓ ବୃଦ୍ଧି ବଜାୟ ରହିବ – ଏହି ଦୁଇଟି ଈଶ୍ୱରୀୟ ବିଧାନ। ତେଣୁ ଈଶ୍ୱର ଯେପରି ସଚ୍ଚିଦାନନ୍ଦମୟ, ସେହିପରି ଅସତ୍ ନିରୋଧୀ। ଅସତ୍ ଅର୍ଥାତ୍ ସତ୍ତା ବିରୋଧୀ ମୃତ୍ୟୁପନ୍ଥୀ ଯାହା, ଯାହା ଜୀବନକୁ ଅବସନ୍ନ କରି ମୃତ୍ୟୁ ଆଡ଼କୁ ନେଇଯାଏ, ଈଶ୍ୱରୀୟ ବିଧାନ ତାକୁ ଚୂର୍ଣ୍ଣ କରିଦିଏ, ଜୀର୍ଣ୍ଣ କରିଦିଏ ଓ ମୃତ୍ୟୁକୁ ଜୟ କରେ। ସେଥିପାଇଁ କେହି ଯଦି ଈଶ୍ୱରଙ୍କର ଦୋହାଇ ଦେଇ ସତ୍ତା ବିରୋଧୀ ବା ଅକଲ୍ୟାଣ ପଥରେ ଚାଲେ, ନାନା ଯୁକ୍ତିଜାଲ ବିଛାଇ ସେହି ଚାଲିବାକୁ ସମର୍ଥନ କରେ, ସେ ନିଶ୍ଚିତ ହିଁ ଈଶ୍ୱରଙ୍କର କରୁଣାରୁ ବଞ୍ଚିତ ହୁଏ। ଈଶ୍ୱର ହେଉଛନ୍ତି ସ୍ୱସ୍ତି ନିଦାନ। ଈଶ୍ୱର ହେଉଛନ୍ତି ମଙ୍ଗଳମୟ। ଈଶ୍ୱର ତାଙ୍କର ପ୍ରତିରୂପ କରି ମନୁଷ୍ୟକୁ ସୃଷ୍ଟି କରନ୍ତି। ଏହି ମନୁଷ୍ୟର ସୃଷ୍ଟି ସମୟରେ ଈଶ୍ୱର ତାଙ୍କର ଶକ୍ତି ମଧ ମନୁଷ୍ୟକୁ ଦାନ କରିଛନ୍ତି। ଈଶ୍ୱରଙ୍କର ଗୁଣାବଳୀ ସ୍ଫୁଲିଙ୍ଗ ଆକାରରେ ମନୁଷ୍ୟ ମଧରେ ଅଛି। ଈଶ୍ୱର ପୂର୍ଣ୍ଣ ଓ ତାଙ୍କ ସୃଷ୍ଟିର ସମସ୍ତ କିଛି ପୂର୍ଣ୍ଣ। ପ୍ରତିଟି ମନୁଷ୍ୟ ଜଣେ ଜଣେ କ୍ଷୁଦ୍ର ଈଶ୍ୱର। ଈଶ୍ୱରଙ୍କୁ ଏହିପରି ଭାବରେ ଉପଲବ୍ଧି ଭିତର ଦେଇ ଜୀବନଯାପନ କରି ତୋଳିବା ହିଁ ଈଶ୍ୱର ଦର୍ଶନ। ଦର୍ଶନ ମାନେ ଦେଖିବା ଓ ଜ୍ଞାନ ଲାଭ। ଜଗତରେ ଦୁଇଟି ପଥ ଗୋଟିଏ ସତ୍ତା ପଥ ଓ ଅନ୍ୟଟି ହେଉଛି ବୃତ୍ତିପଥ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି। ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚ୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେବା ଦ୍ୱାରା ଓଡ଼ିଆ ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି। ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ଠାପର ଭାବେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ମିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ। ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର। ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ। ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି। ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି। ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି। ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ, ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି। ଏହାଦ୍ୱାରା ବର୍ତ୍ତମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି। ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ କାମ ଚାଲିଛି। ଏହି ଶିକ୍ଷା ହସ୍ପିଟାଲ ଜୁଲାଇ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି। ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି। ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହି ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଭାରତୀୟ ଜନତା ପାର୍ଟି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା, ୨୬।୫: କେନ୍ଦ୍ରାପଡା ଲୋକସଭା କ୍ଷେତ୍ରର ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଗରାପୁରସ୍ଥିତ ଏକ ବେସରକାରୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସେହି ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ପ୍ରବକ୍ତା ଧିରେନ ସେନାପତି, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ଲୋକସଭା ସଂଯୋଜକ ସଞ୍ଜୟ ରଥ, ଜିଲ୍ଲା ସାଧାରଣ ସମ୍ପାଦକ ଉପିନ ରାଉତ, ଜିଲ୍ଲା ମିଡିଆ ସେଲ୍ ପ୍ରମୁଖ ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ଧିରେନ ସେନାପତି କହିଥିଲେ ଯେ ବିଶ୍ୱର ନେତା ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୯ ତାରିଖରେ ବାରୋସ୍ଥିତ ସିଦ୍ଧମଠ ପଡିଆ ତୁଳସୀ କ୍ଷେତ୍ରକୁ ଆସୁଛନ୍ତି। ଏହି ଅବସରରେ ସେହି ଦିନ ଅପରାହ୍ଣ ୩ ଘଟିକା ପୂର୍ବରୁ ବହୁସଂଖ୍ୟାରେ ସଭାସ୍ଥଳରେ ପହ□ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିବା ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ସେହି ସଭାରେ କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ୭ଟି ବିଧାନସଭାର ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପଣ୍ଡା, ଦୂର୍ଗାପ୍ରସନ୍ନ ନାୟକ, ଗିତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ଲଳିତ ବେହେରା, ଅରିନ୍ଦମ ରାୟ, ସୁମନ୍ତ ଘଡେଇ ପ୍ରମୁଖ ଉପସ୍ଥିତ ରହିବେ। ଏହି କାର୍ଯ୍ୟକ୍ରମରେ ପାଖାପାଖି ଦେଢ ଲକ୍ଷ ଲୋକ ସମାଗମ ହେବେ। ଏହି ଅବସରରେ ସମସ୍ତ ସାମ୍ବାଦିକ ବନ୍ଧୁମାନଙ୍କୁ ନିମନ୍ତ୍ରଣ କରାଯାଇଛି। ସେମାନେ ସମସ୍ତେ ଉପସ୍ଥିତ ରହିବା ନିମନ୍ତେ ଅନୁରୋଧ କରାଯାଇଛି। ଏହା କେନ୍ଦ୍ରାପଡା ରାଜନୀତିର ଏକ ଐତିହାସିକ ସଭା ଯାହା କି ନିର୍ବାଚନର ଶେଷ ଅବସ୍ଥାରେ ଅନୁଷ୍ଠିତ ହେଉଛି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରପ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଈ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚତ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଓ୍ୱାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଟାବଣିଆ, ଗମ୍ଭାରିଆ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତ୍‌କୁ ବାର୍ସିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ ନିୟମର ସର୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୁର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟର ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗଣ୍ଡ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଇଥିବାରୁ ପାଣି ମଧ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୁଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୁଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଘଂନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଘଂନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧିକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରିର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହାକୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଗଣେଶ ହାଇଅର୍ ସେକେଣ୍ଡାରି ସ୍କୁଲ ଛାତ୍ରଛାତ୍ରୀ ମାନଙ୍କର ଶତପ୍ରତିଶତ ସଫଳତା

ଚଳିତ ବର୍ଷ ଉଚ୍ଚ ମାଧମିକ ଶିକ୍ଷା ପରିଷଦ, ଓଡ଼ିଶା ଦ୍ୱାରା ପରିଚାଳିତ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପାଠ୍ୟକ୍ରମର ପରୀକ୍ଷା ଫଳ ପ୍ରକାଶ ପାଇଅଛି। ଏଥିରେ ଗଣେଶ ହାଇଅର୍ ସେକେଣ୍ଡାରି ସ୍କୁଲ ଭୁବନେଶ୍ୱର ଏବଂ ଚଣ୍ଡିଖୋଲ ଉଭୟ କ୍ୟାମ୍ପସ୍‌ରୁ ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଭୁବନେଶ୍ୱର କଲେଜ୍‌ରୁ କୁମାରୀ ବୈଶାଖୀ ବେହେରା, ଶ୍ରୀମାନ ଦେବମ ସାହୁ, କୁମାରୀ ଅର୍ଚ୍ଚିତା ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତିୟ, ତୃତିୟ ସ୍ଥାନ ଅଧିକାର କରିଥିବା ବେଳେ ଚଣ୍ଡିଖୋଲ କଲେଜ୍‌ରୁ ଶ୍ରୀମାନ ଅଭିନାଶ ଦାଶ, କୁମାରୀ ସ୍ୱର୍ଣ୍ଣଲକ୍ଷ୍ମୀ ବିଶ୍ୱାଳ ଓ ଶ୍ରୀମାନ ରଶ୍ମି ରଞ୍ଜନ ବିଶ୍ୱାଳ ଯଥାକ୍ରମେ ପ୍ରଥମ, ଦ୍ୱିତିୟ, ତୃତିୟ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି। ଏଠାରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନେ ଉକ୍ତ ପରୀକ୍ଷାରେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ମୋଟ ୧୯୩ ଜଣ ପ୍ରଥମ ଶ୍ରେଣୀରେ ଉ□ୀର୍ଣ୍ଣ ହୋଇଥିବା ବେଳେ ୧୨ ଜଣ ଛାତ୍ରଛାତ୍ରୀ ୫୦୦ ମାର୍କରୁ ଉର୍ଦ୍ଧ ରଖି ସଫଳତା ହାସଲ କରିଛନ୍ତି ଓ ୩୪ ଜଣ ଛାତ୍ରଛାତ୍ରୀ ଦଶମ ମାର୍କ ତୁଳନାରେ ଚଳିତ ପରୀକ୍ଷାରେ ଅଧିକ ମାର୍କ ରଖିଥିବାର ଗୌରବ ଅର୍ଜନ କରିଛନ୍ତି। ବିଦ୍ୟାଳୟର ପରିଚାଳନା ପରିଷଦର ସଯତ୍ନ ପରିଚାଳନା, ଅଧକ୍ଷ, ଅଧାପକ ଅଧାପିକା ମାନଙ୍କର ଉନ୍ନତ ଅଧାପନା ଓ ମାର୍ଗଦର୍ଶନ ତଥା ଛାତ୍ରଛାତ୍ରୀ ମାନଙ୍କର ସମୟୋପଯୋଗୀ ଉଦ୍ୟମ ଯୋଗୁ ଏହି ଉତ୍କର୍ଷ ସମ୍ଭବ ହୋଇପାରିଛି ବୋଲି ଅଭିଭାବକ ମାନେ ଭୂୟଷୀ ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ଡ଼. ବିଭୁତି ଭୂଷଣ ତ୍ରିପାଠୀ ଏହି ସଫଳତାର ଶ୍ରେୟ ଛାତ୍ରଛାତ୍ରୀ ମାନଙ୍କର ନିରବଚ୍ଛିନ ପରିଶ୍ରମ ପାଇଁ ସମ୍ଭବ ହୋଇଥିବା ପ୍ରକାଶ କରିଛନ୍ତି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ '

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ୍ 'ଭିଜନ ୨୦ ' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ଓ୍ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ଓ୍ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସଓ୍ୱାଶ୍, ସାମ୍ଫୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।




# ପୋଷ୍ଟର ଯୁଦ୍ଧ : କଦର୍ଯ୍ୟ ହେଉଛି କାନ୍ଥ ବାଡ଼

**ପୌ**ର ନିର୍ବାଚନ ପରିପ୍ରେକ୍ଷୀରେ ରାଜନୈତିକ ଦଳମାନଙ୍କର ପୋଷ୍ଟର ଯୁଦ୍ଧ ଏବେ ସାଧାରଣ ଲୋକଙ୍କର ମୁଣ୍ଡବିନ୍ଧାର କାରଣ ହେଉଛି। ରାତାରାତି ଲୋକଙ୍କ ଘରର ପାଚେରୀ, କାନ୍ଥବାଡ଼ ଆଦିରେ ଏମାନେ ନିଜ ନିଜ ପ୍ରାର୍ଥୀଙ୍କର ପୋଷ୍ଟର ମାରି ତାହାକୁ ରଙ୍ଗ ବେରଙ୍ଗ କରିଦେଉଛନ୍ତି। କେତେକ ସ୍ଥାନରେ ଲୋକେ ବାରଣ କଲେ ବି ତାହାକୁ ମାନୁନାହାନ୍ତି। ସମଗ୍ର ରାଜ୍ୟରେ ଏବେ ଚାଲିଛି ପୌର ନିର୍ବାଚନ। ଭୋଟରମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ମନମତାଣିଆ ଗୀତ ସାଙ୍ଗକୁ ରଙ୍ଗ ବେରଙ୍ଗର ପୋଷ୍ଟର ତିଆରି କରିଛନ୍ତି। ଗୀତ ବାଜୁଥିବା ଗାଡ଼ି ଗୁଡ଼ିକ ବିଭିନ୍ନ ସାହି ଗଳି ବୁଲୁଥିବା ବେଳେ ପୋଷ୍ଟର ଉପରେ କିନ୍ତୁ ପ୍ରାର୍ଥୀମାନେ ଜୋର ଦେଉଛନ୍ତି। ବିଭିନ୍ନ ସ୍ଥାନରେ ଫ୍ଲେକ୍ସ ଟାଣିବା ଅପେକ୍ଷା କାନ୍ଥବାଡ଼, ଗଛ, ବିଦ୍ୟୁତଖୁଣ୍ଟ, ପାଚେରୀ ଆଦିରେ କାଗଜ ପୋଷ୍ଟର ମାରିବା ଉପରେ ଜୋର ଦେଉଛନ୍ତି।

ରାଜ୍ୟର ତିନି ପ୍ରମୁଖ ଦଳ ଏବେ ଲକ୍ଷାଧିକ ପୋଷ୍ଟର ପ୍ରସ୍ତୁତ ସହିତ ତାହାକୁ ଲଗାଇବା ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରି ଦେଉଛନ୍ତି। ପୋଷ୍ଟର ପିଛା ପଇସା ଧାର୍ଯ୍ୟ କରି ଅଠା ଓ ପୋଷ୍ଟର ସେମାନଙ୍କୁ ଧରାଇବା ସହିତ ଇଲାକା ଚିହ୍ନଟ କରିଦେଉଛନ୍ତି। ତେଣୁ ପଇସା ପାଉଥିବା ଏହି ଶ୍ରମିକମାନେ ରାତିବେଳା ପୋଷ୍ଟର ମାରିବାକୁ ଉଚିତ ମଣୁଛନ୍ତି। କାରଣ ଦିନବେଳା ପୋଷ୍ଟର ମାରିଲେ ଅନେକ ସ୍ଥାନରେ ଲୋକେ ତାହାକୁ ବିରୋଧ କରୁଛନ୍ତି। ଯଦି ପୋଷ୍ଟର କମ୍ ମରାହେବ ତେବେ ଶ୍ରମିକମାନେ ଚୁକ୍ତି ମୁତାବକ ପଇସା ପାଇବେ ନାହିଁ। ତେଣୁ ସେମାନେ ଏବେ ବିଳମ୍ବିତ ରାତିରେ ପୋଷ୍ଟରମରା କାର୍ଯ୍ୟ କରୁଛନ୍ତି। ସାଧାରଣ ଲୋକଙ୍କ ଘରର କାନ୍ଥଠାରୁ ଆରମ୍ଭ କରି ଗଛ ଓ ବିଦ୍ୟୁତଖୁଣ୍ଟ କାହାକୁ ଛାଡୁନାହାନ୍ତି। ତେବେ ସବୁଠାରୁ ଅଧିକ ପୋଷ୍ଟର ବ୍ୟବହାର ହେଉଛି ବିଭିନ୍ନ ବସ୍ତି ନିକଟରେ ଥିବା ସରକାରୀ କ୍ୱାର୍ଟସର ପାଚେରୀରେ। ଆର୍ଥିକ ବର୍ଷ ଶେଷ ଯୋଗୁଁ ବିଭିନ୍ନ ସ୍ଥାନରେ ପାଚେରୀଗୁଡ଼ିକ ନୂଆ ରଙ୍ଗ ହୋଇଛି। ହେଲେ ରାତି ପାହିଲା ବେଳକୁ ତାହା ବିଭିନ୍ନ ଦଳର ପୋଷ୍ଟରରେ ରଙ୍ଗେଇ ହୋଇଯାଉଛି।

ଗୋଟିଏ ଦଳ ଯଦି କୌଣସିଠାରେ ପୋଷ୍ଟରଟିଏ ମାରି ଦେଉଛି ତେବେ ଅନ୍ୟ ଦଳମାନେ ସେଠାରେ ପ୍ରତିଯୋଗିତା ଭିତ୍ତିରେ ଅଧିକ ପୋଷ୍ଟର ମାରୁଛନ୍ତି। ଅବସ୍ଥା ଏଭଳି ହୋଇଛି ଯେ କେତେକ ସ୍ଥାନରେ କାନ୍ଥ ବାଡ଼ ସବୁ ପୋଷ୍ଟର ପଛପଟେ ଲୁଚି ଗଲେଣି। ଲୋକେ ଏହାର ପ୍ରତିବାଦ କଲେ କେହି ଶୁଣିବାକୁ ବି ନାହିଁ। ବିଳମ୍ବିତ ରାତିରେ ପୋଷ୍ଟର ମରାଯାଉଥିବାରୁ ଅଧିକାଂଶ ଏହାକୁ ବିରୋଧ ବି କରିପାରୁନାହାନ୍ତି। ତେଣୁ ଯେଉଁସବୁ ସ୍ଥାନରେ ଏଭଳି ମାଳ ମାଳ ପୋଷ୍ଟର ମାରି କାନ୍ଥବାଡ଼କୁ କଦର୍ଯ୍ୟ କରାଯାଉଛି ଭୋଟ ସରିଲା ପରେ ସେହିସବୁ ପୋଷ୍ଟରକୁ ସଂପୃକ୍ତ ପ୍ରାର୍ଥୀମାନେ କାଢ଼ି ନେବା ପାଇଁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେବା ଉଚିତ ବୋଲି ମତ ପ୍ରକାଶ ପାଉଛି। ତେବେ ଯେଉଁଭଳି ଭାବେ ଅଠା ଦ୍ୱାରା କାଗଜ ପୋଷ୍ଟରକୁ କାନ୍ଥରେ ଲଗାଯାଉଛି ବର୍ଷାଋତୁ ପୂର୍ବରୁ ତାହା ସହଜରେ ଛାଡ଼ିବ ନାହିଁ ବୋଲି ଅନେକ ମତ ଦେଉଛନ୍ତି।

# ଶୁଦ୍ଧାନନ୍ଦ କଲେଜରେ ମହିଳା ଦିବସ ପାଳିତ



ଫୁଲନଖରା (ପିଏନ୍)-ସ୍ଥାନୀୟ ଶୁଦ୍ଧାନନ୍ଦ କଲେଜରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ କଲେଜ ସଭାଗୃହରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ପ୍ରୋଗ୍ରାମ ଅଫିସର ଡ଼.ନିବେଦିତା ଆଚାର୍ଯ୍ୟ ମୁଖ୍ୟ ଅତିଥିରୂପେ ଯୋଗଦେଇ ମହିଳା ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ପ୍ରଥମେ ପୁରୁଷମାନେ ଅବଗତ ହେବା ଦରକାରବୋଲି ମତପୋଷଣ କରିଥିଲେ। ଜଣେ ମହିଳା ଚାହିଁଲେ ଯେ କୌଣସି ଅସାଧ୍ୟକୁ ସମ୍ମୁଖିନ ହେବାକୁ ସମର୍ଥବୋଲି ସେ ତାଙ୍କ ଅଭିଭାଷଣରେ ବର୍ଣ୍ଣନା କରିଥିଲେ। କଟକ ପୁଲିସ ମହିଳା ଓ ଶିଶୁ ଡେସ୍କ ଆଇଆଇସି ଟେରେସ୍କୋଭା ମହାପାତ୍ର ମୁଖ୍ୟ ବକ୍ତାଭାବେ ମଞ୍ଚାସୀନ ହୋଇ ନାରୀଙ୍କୁ ସେମାନଙ୍କ ହକ ଓ ସମ୍ମାନ ଯେ ପର୍ଯ୍ୟନ୍ତ ଉପଯୁକ୍ତଭାବେ ନମିଳିଛି ସେ ପର୍ଯ୍ୟନ୍ତ ଏକ ସୁସ୍ଥ ସମାଜ ସ୍ୱପ୍ନ ଅପୂରଣୀୟ ହୋଇ ରହିବବୋଲି କହିଥିଲେ। ଡିନ ପ୍ରଫେସର ରଂଜନକୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ପରିଚାଳନା ନିର୍ଦ୍ଦେଶକ ଇଂ.ସୁନିଲକୁମାର ପଟ୍ଟନାୟକ ଉଦଘାଟକଭାବେ ଯୋଗଦେଇ ନାରୀ ଓ ପୁରୁଷ ସମାନ ଏବଂ ଏ ଜାତିର ଐତିହ୍ୟ ଓ ପରମ୍ପରା ଅକ୍ଷୁଣ୍ଣ ରଖି ଆଗକୁ ଅଗ୍ରସର ହେବାକୁ ସେ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିଥିଗଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ଼.ଅନିତା ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସ୍ୱସ୍ତିକା ପ୍ରିୟଦର୍ଶିନୀ, ଜୟଶ୍ରୀ ଭୋଇ, ଶ୍ରଦ୍ଧାଳି ଦାଶ, ତପସ୍ୱିନୀ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ସରିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳିତ



ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ମାର୍ଚ୍ଚ ମାସ ପ୍ରଥମ ସପ୍ତାହରେ ପ୍ରଧାନମନ୍ତ୍ରୀ ଜନଔଷଧି ସପ୍ତାହ ପାଳନ କରାଯାଉଥିବା ଅବସରରେ ଚଳିତ ବର୍ଷ ଭୁବନେଶ୍ୱର ପୋଖରୀପୁଟ ଓ ପାଣ୍ଡରାଠାରେ ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ରରେ ଏହି ସପ୍ତାହ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସାଧାରଣ ଲୋକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଔଷଧ ବଣ୍ଟନ, ମାସ୍କ, ସାନିଟାରୀ ବୋତଲ ତଥା ମହିଳାମାନଙ୍କୁ ସାନିଟାରୀ ନାପକିନ ପ୍ରଦାନ କରାଯାଇଥିଲା। ଏହା ସହିତ ଇଚ୍ଛୁକ ବ୍ୟକ୍ତିମାନଙ୍କ ରକ୍ତଚାପ, ରକ୍ତସର୍କରା, ଶରୀରରେ ଅମ୍ଳଜାନ ସ୍ତର, ମାପିବାର ନିଃଶୁଳ୍କ ବ୍ୟବସ୍ଥା ଉକ୍ତ ସଂଗଠନ ପକ୍ଷରୁ ସଫଳ ଭାବେ ଆୟୋଜିତ ହୋଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଉଚ୍ଚ ଶିକ୍ଷିତା ତଥା ସାରସ୍ୱତ ପ୍ରତିଭାର ଅଧିକାରିଣୀ ଯୁବ ଉଦ୍ୟୋଗୀ ଅର୍ଚ୍ଚନା ଏବଂ ଯୁବ ଯନ୍ତ୍ରୀ ପାର୍ଥସାରଥୀ ପୂର୍ବରୁ ବହୁ ଜନକଲ୍ୟାଣ ଓ ସଚେତନତା ମୂଳକ କାର୍ଯ୍ୟକ୍ରମ ମାନ ଆୟୋଜିତ କରିଆସୁଛନ୍ତି। ପରିବେଶ ସଚେତନତା ଓ ଜଳବାୟୁ ପରିବର୍ତ୍ତନରେ ମନୁଷ୍ୟ ଶରୀରର ପ୍ରଭାବ ଏବଂ ତା'ର ପ୍ରତିକାର ସମ୍ବନ୍ଧରେ ଶିବିର ମାନ ଆୟୋଜନ କରିବା ସହ ବ୍ୟାପକ ବୃକ୍ଷରୋପଣ କରାଯିବ ବୋଲି ପ୍ରମୁଖ ଆୟୋଜକ ଓ ସଂଯୋଜକ ପାର୍ଥସାରଥୀ ସୂଚନା ପ୍ରଦାନ କରିଥିଲେ।

# ଯୁଦ୍ଧ ଚାହୁଁନା ଶାନ୍ତି ଚାହୁଁ – ଜିଲ୍ଲା ବିକାଶ ସାମ୍ମୁଖ୍ୟ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ସାଂପ୍ରତିକ ଋଷ ଏବଂ ୟୁକ୍ରେନ୍ ଯୁଦ୍ଧର ଭୟାବହତା ଓ ସମଗ୍ର ବିଶ୍ୱ ଉପରେ ଏହାର ପ୍ରଭାବ ଉପରେ ଏକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ନାଟୋ, ଶିଆଟୋ, ଫ୍ଲାଟୋ ଏବଂ ୱାରସ୍ୟାକ ଭଳି ସାମରିକ ସଂଗଠନ ମାଧ୍ୟମରେ ଶୀତଳଯୁଦ୍ଧ ଚାଲୁ ରହିଥିଲା। ଭାରତ ଗୋଷ୍ଠି ନିରପେକ୍ଷ ନୀତି ଅବଲମ୍ବନ କରି ଉଭୟ ସାମରିକ ଶକ୍ତିଠାରୁ ଦୂରତ୍ୱ ରକ୍ଷା କରି ଚାଲିଛି। ୟୁକ୍ରେନ୍ ନାଟୋର ସଦସ୍ୟତା ଗ୍ରହଣକୁ ବିରୋଧ କରି ପୁଟିନ୍ ୟୁକ୍ରେନ୍ ଉପରେ ଆକ୍ରମଣ କଲେ। ଯୁଦ୍ଧର ୧୫ ଦିନ ପରେ ନାଟୋ ଶକ୍ତି ବାହାରୁ ଦେଖଣାହାରୀ ସାଜି କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରୁନାହାଁନ୍ତି। ଫଳରେ ପୁଟିନ୍ ୟୁକ୍ରେନକୁ ନାଟୋ ଶକ୍ତିର ପରିସରଭୁକ୍ତ ନ ହେବା ପାଇଁ ଯୁଦ୍ଧ ଚାଲୁ ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଯୁଦ୍ଧର ଅବସାନ ପାଇଁ ଚାପ ପ୍ରୟୋଗ ହେଉଛି। ଏହି ଆଲୋଚନାଚକ୍ରରେ ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ, ବୈଷ୍ଣବ ଚରଣ ସ୍ୱାଇଁ, ଭାଗିରଥି ଜେନା, ଅମୀୟ କୁମାର ନାୟକ, ନେତ୍ରାନନ୍ଦ କର, ଶ୍ରୀନିବାସ ପରିଡା, ମଧୁସୁଦନ ରାଉତ, ମଧୁସୁଦନ ବାରିକ, ବସନ୍ତ ସାହୁ ଓ ସୁରେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରି ତୁରନ୍ତ ଯୁଦ୍ଧ ବିରତି ଘୋଷଣା କରି ଶାନ୍ତି ପ୍ରତିଷ୍ଠା କରିବା ପାଇଁ ନିବେଦନ କରିଛନ୍ତି।

# ଭୟାନକ ଯକ୍ଷ୍ମା ଓ ଯକୃତ୍ ସଂକ୍ରମଣ

**୧**୮୮୨ ମସିହା। ସେତେବେଳେ ୟୁରୋପ ଏବଂ ଆମେରିକା ମହାଦେଶରେ ଥିଲା ଯକ୍ଷ୍ମାର ପ୍ରାଦୁର୍ଭାବ। ଏହି ରୋଗରେ ପ୍ରାୟ ପ୍ରତି ସାତ ଜଣ ବ୍ୟକ୍ତିଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରୁଥିଲେ। ଏହାର ଭୟାବହତାକୁ ଲକ୍ଷ୍ୟ କରିଥିଲେ ବର୍ଲିନର ଡାଃ ରବର୍ଟ କୋକ୍। ତା'ପରେ ସେ ଲାଗିପଡ଼ିଲେ ଏହି ରୋଗ ପଛରେ ଥିବା କାରଣକୁ ଖୋଳିବା ପାଇଁ। ବାସ୍, ତା'ପରେ ଡାଃ କୋକ୍ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଯୋଡ଼ିଥିଲେ ସଫଳତାର ଆଉ ଏକ ଫର୍ଦ୍ଦ। ଦୀର୍ଘଦିନର ଗବେଷଣା ପରେ ସେ ଚିହ୍ନଟ କରିଥିଲେ ଯକ୍ଷ୍ମା ପାଇଁ ଦାୟୀ ବ୍ୟାକ୍ଟେରିଆକୁ। ଏହି ବ୍ୟାକ୍ଟେରିଆକୁ ଡାଃ କୋକ୍ 'ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍' ନାମରେ ନାମିତ କରିଥିଲେ। ତା'ପରେ ଯକ୍ଷ୍ମାର ଚିହ୍ନଟ ଏବଂ ଚିକିତ୍ସା ପାଇଁ ଦ୍ୱାର ଉନ୍ମୁକ୍ତ ହୋଇଥିଲା। ଯେଉଁଦିନ ସେ ଏହି ଐତିହାସିକ ସଫଳତା ହାସଲ କରିଥିଲେ ତାହା ଥିଲା ୧୮୮୨ ମାର୍ଚ୍ଚ ୨୪ ତାରିଖ। ଆଉ ସେହି ଦିନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ପାଳିତ ହୋଇ ଆସୁଛି 'ବିଶ୍ୱ ଯକ୍ଷ୍ମା ଦିବସ'। ସମଗ୍ର ବିଶ୍ୱକୁ ଯକ୍ଷ୍ମାମୁକ୍ତ କରିବା ଏହି ଦିବସର ପ୍ରମୁଖ ଲକ୍ଷ୍ୟ। ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ରୋଗର ଲକ୍ଷଣ ସମ୍ପର୍କରେ ସଚେତନ ନୁହନ୍ତି। କେତେକ ଜାଣିପାରିଲେ ମଧ୍ୟ ତାହାର ଚିକିତ୍ସା ସଠିକ୍ ସମୟରେ କରାଇ ନଥାନ୍ତି, ଯାହାଫଳରେ ପରବର୍ତ୍ତୀ ସମୟରେ ରୋଗ ଜଟିଳ ଆକାର ଧାରଣ କରିଥାଏ। ଏହି ଦିବସ ଅବସରରେ ବିଶ୍ୱର ବିଭିନ୍ନ ସ୍ଥାନରେ ଆଲୋଚନାଚକ୍ର, ସଚେତନତା ଶିବିର, ଚିକିତ୍ସା ଶିବିର ଆଦି ଆୟୋଜିତ ହୋଇଥାଏ। ସରକାର ଯକ୍ଷ୍ମାରୋଗ ପାଇଁ ଡଟ୍ସ୍ ପଦ୍ଧତିକୁ ରୋଗୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନବାଡ଼ିକର୍ମୀ, ଆଶା କର୍ମୀଙ୍କ ଠାରୁ ସ୍ୱେଚ୍ଛାସେବୀ ସଂଗଠନଙ୍କ ସହାୟତାରେ ଏହାର ନିରାକରଣ ପାଇଁ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ହାତକୁ ନେଇ ବେଶ୍ ସଫଳ ହୋଇଛନ୍ତି। ସରକାରଙ୍କୁ ବିଭିନ୍ନ ବେସରକାରୀ ସଂଗଠନ ମଧ୍ୟ ଏ କ୍ଷେତ୍ରରେ ସହଯୋଗର ହାତ ବଢ଼ାଇଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ ରୋଗୀମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହ ସଚେତନଧର୍ମୀ କାର୍ଯ୍ୟକ୍ରମ ଦ୍ୱାରା ଯକ୍ଷ୍ମାର ଭୟାବହତାକୁ ଲୋକମାନଙ୍କ ଭିତରୁ ଦୂରେଇ ପାରିବା ସହ ସେମାନଙ୍କ ଭିତରେ ସଚେତନତାର ବାର୍ତ୍ତା ପହଞ୍ଚାଇ ପାରିଛି। ଯକ୍ଷ୍ମା ଏକ ଭୟାନକ ସଂକ୍ରମିତ ରୋଗ ହୋଇଥିଲେ ବି ପ୍ରାଥମିକ ଅବସ୍ଥାରେ କଫ ପରୀକ୍ଷା ଦ୍ୱାରା ଏହାର ନିରାକରଣ ନୁହେଁ ବରଂ ମୂଳପ୍ରୋଟନ ମଧ୍ୟ ହୋଇପାରୁଛି। ଯକ୍ଷ୍ମା କ୍ଷେତ୍ରରେ ଜଣେ ରୋଗୀକୁ ଦୀର୍ଘଦିନ ଧରି କାଶ ହେଉ ବା ଜ୍ୱର, ରାତିରେ ଝାଳ ବୋହିବା ଠାରୁ ଭୋକ କମିଯିବା, ଓଜନ କମିଯିବା ଓ ଛାତିରେ ଯନ୍ତ୍ରଣା ହେବାପରି ଲକ୍ଷଣ ଶରୀରରେ ପ୍ରକାଶ ପାଇଥାଏ । ଶରୀରର ସମସ୍ତ ଅଙ୍ଗକୁ ଏହି ଯକ୍ଷ୍ମା ଜୀବାଣୁ ଆକ୍ରାନ୍ତ କରେ। ସାଧାରଣତଃ ଫୁସ୍‌ଫୁସ୍‌କୁ ଏହା ପ୍ରଥମେ ଆକ୍ରମଣ କରେ ଓ ପରବର୍ତ୍ତୀ କ୍ଷେତ୍ରରେ ଏହା ଶରୀରର ସମସ୍ତ ଅଙ୍ଗକୁ ଆକ୍ରାନ୍ତ କରେ। ରୋଗୀର ରୋଗପ୍ରତିରୋଧକ ଶକ୍ତି ଉପରେ ଏହି ଆକ୍ରାନ୍ତର ଭୟାବହତା ନିର୍ଭର କରେ। ଖାଦ୍ୟନଳୀ, ଯକୃତ୍, ଅଗ୍ନ୍ୟାଶୟ, ବୃକକ୍, ମସ୍ତିଷ୍କ, ଅସ୍ଥି, ମଜ୍ଜା, ଗଣ୍ଠି, ଆଖି, ଜରାୟୁ, ଚମଡ଼ା ଓ ହୃଦ୍‌ଯନ୍ତ୍ର ଇତ୍ୟାଦି




ଲୋକମାନଙ୍କୁ ଯକ୍ଷ୍ମାରୋଗ ସମ୍ପର୍କରେ ସଚେତନ କରାଇବା ଉକ୍ତ ଦିବସର ଅସଲ ଉଦ୍ଦେଶ୍ୟ। ଆଉ ଏହି ଦିବସ ପାଳନ ଅବସରରେ ସର୍ବାଗ୍ରେ ସ୍ମରଣ କରାଯାଇଥାଏ ଡାଃ କୋକ୍‌ଙ୍କୁ। ୧୯୮୨ରେ ଇଣ୍ଟରନ୍ୟାସନାଲ ୟୁନିୟନ ଏଗେନ୍‌ଷ୍ଟ ଟ୍ୟୁବରକୁଲୋସିସ୍ ଆଣ୍ଡ ଲଙ୍ଗସ ଡିଜିଜ୍ (ଆଇୟୁଏଟିଏଲଡ଼ି) ଆନୁକୂଲ୍ୟରେ ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ ହୋଇଥିଲା। ଏହି ଅବସରରେ ଯକ୍ଷ୍ମାର ନିରାକରଣ ପାଇଁ ଉପରୋକ୍ତ ସଂସ୍ଥା ପକ୍ଷରୁ ମାର୍ଚ୍ଚ ୨୪ ତାରିଖକୁ 'ବିଶ୍ୱଯକ୍ଷ୍ମା ଦିବସ' ରୂପରେ ପାଳନ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ୧୯୯୬ରେ ଆଇୟୁଏଟିଏଲଡ଼ି ସହ ଏହି ଅଭିଯାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ହାତ ମିଳାଇଥିଲା। ସମ୍ପ୍ରତି ବିଶ୍ୱସ୍ତରରେ ନିଜର ଭୟଙ୍କର କାୟା ମେଲିଥିବା ଯକ୍ଷ୍ମା ଆରୋଗ୍ୟସାଧ ହେଲେ ମଧ୍ୟ ଏହି ରୋଗ ସମ୍ପର୍କରେ ପ୍ରତିବର୍ଷ ସଚେତନତା ସୃଷ୍ଟି କରାଯାଉଥିଲେ ବି ଏହାକୁ ଆହୁରି ସୁଦୂରପ୍ରସାରୀ କରିବାକୁ ସମସ୍ତଙ୍କର ସହଯୋଗ ଲୋଡ଼ା। ଯକ୍ଷ୍ମା ଦିବସ ଅବସରରେ ବିଶ୍ୱସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ପ୍ରକାଶିତ ବାର୍ତ୍ତାରେ ମତବ୍ୟକ୍ତ କରାଯାଇଛି ଯେ ସମସ୍ତେ ଯେପରି ଏହି ରୋଗର ନିରାକରଣ ପ୍ରତି ଆଗ୍ରହ ପ୍ରକାଶ କରିବା ଦରକାର। ସଚେତନତା ସୃଷ୍ଟି ସହ ଏହି ରୋଗକୁ ସଂପୂର୍ଣ୍ଣ ମୂଳୋତ୍ପାଟନ କରିବାଲାଗି ସମସ୍ତେ ହାତ ମିଳେଇ କାମ କରିବା ଜରୁରୀ। ନହେଲେ ଏହାର ନିରାକରଣ ସମ୍ଭବ ହୋଇପାରିବ ନାହିଁ। ସମ୍ପ୍ରତି ଭୟାବହ ଯକ୍ଷ୍ମାର ନିରାକରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଠାରୁ କେନ୍ଦ୍ରସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ, ଡେନ୍‌ମାର୍କ ସରକାରଙ୍କ ଡାନିଡ଼ା ପ୍ରକଳ୍ପ ହେଉ ବା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଯକ୍ଷ୍ମାରୋଗ ପାଇଁ ବିଭିନ୍ନ ତତ୍‌କାଳ ପଦକ୍ଷେପ ଦ୍ୱାରା ଏହାର ନିରାକରଣ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି । ସମ୍ପ୍ରତି ଅଙ୍ଗ ଏହି ଯକ୍ଷ୍ମାରୋଗରେ ଆକ୍ରାନ୍ତ ହୁଏ। ଏହି ସବୁ ରୋଗକୁ ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି କ୍ଷେତ୍ରରେ ସବୁଠାରୁ ବଡ଼ ଦାୟିତ୍ୱ ହେଉଛି ସମ୍ପୃକ୍ତ ରୋଗୀର କାଶ, କଫ, ଛେପ, ଖଙ୍କାର ଯେପରି କାହାର ସଂସ୍ପର୍ଶରେ ନ ଆସେ ସେଥିପ୍ରତି ସଜାଗ ହେବା। ତେବେ ଯକ୍ଷ୍ମା ଆଉ ଭୟାନକ ହୋଇରହି ନାହିଁ ଏବଂ ଡାକ୍ତର କୋକ୍‌ଙ୍କ ଦୀର୍ଘଦିନର ଗବେଷଣାର ଫଳ ଆଜି ସଫଳ ହୋଇଛି। ବେଳେ ବେଳେ ଏହି ମାଇକୋବ୍ୟାକ୍ଟେରିୟମ୍ ଟ୍ୟୁବରକ୍ୟୁଲୋସିସ୍ ଡଟ୍‌ସ ଚିକିତ୍ସା ପଦ୍ଧତିରେ ନିୟନ୍ତ୍ରଣ ହୁଏ ନାହିଁ। ଏହି କ୍ଷେତ୍ରରେ ଦ୍ୱିତୀୟସ୍ତରର ଚିକିତ୍ସା ପଦ୍ଧତିକୁ ଅନୁସରଣ କରାଯାଏ। ଏହାକୁ ଡ୍ରଗ୍ ରେଜିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ କୁହାଯାଏ। ଏହି ଏକ୍ସଟ୍ରା ପାଲମୋନାରୀ ଟ୍ୟୁବରକ୍ୟୁଲୋସିସ୍‌ରେ ଦୀର୍ଘ ସମୟ ପାଇଁ (ଏକବର୍ଷରୁ ଦେଢ଼ବର୍ଷ) ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଯକୃତ୍ ଓ ଖାଦ୍ୟନଳୀ ଟ୍ୟୁବରକ୍ୟୁଲୋସିସ୍‌ରେ ମଧ୍ୟ ଏକବର୍ଷରୁ ଦେଢ଼ବର୍ଷ ପର୍ଯ୍ୟନ୍ତ ରୋଗୀକୁ ଔଷଧ ସେବନ କରିବାକୁ ପଡ଼େ। ଏହି ଚିକିତ୍ସା ସମୟରେ ବେଳେ ବେଳେ ରୋଗୀ ଜଣ୍ଡିସ୍‌ରେ ଆକ୍ରାନ୍ତ ହୁଏ ଓ ଏହା ଏକ ମାରାତ୍ମକ ଜଣ୍ଡିସ୍। ଏହି ମାରାତ୍ମକ ଜଣ୍ଡିସ୍ ସାଧାରଣତଃ ଟି.ବି. ଔଷଧର ପ୍ରତିକ୍ରିୟାରୁ ହୋଇଥାଏ ଓ ଲିଭର ଅକାମୀ ହୋଇଯାଏ। ଏହି କ୍ଷେତ୍ରରେ ଲିଭର ପ୍ରତିରୋପଣ ଏକାନ୍ତ ଜରୁରୀ। ମଲ୍ଟିଡ୍ରଗ ରେସିଷ୍ଟେଣ୍ଟ ଟ୍ୟୁବରକ୍ୟୁଲୋସିସ୍ ହେଉଛି ଏକ ଭୟାନକ ଯକ୍ଷ୍ମା ଯାହା ଲିଭରସିରୋସିସ୍, କ୍ୟାନସର, ଡାଇବେଟିସ ଓ ଏଡ଼ସ୍ ରୋଗୀ ମାନଙ୍କୁ ଆକ୍ରମଣ କରେ ଓ ଏହି ରୋଗର ଚିକିତ୍ସା ଅତ୍ୟନ୍ତ କଷ୍ଟସାଧ। ଆସନ୍ତୁ ଆଜି ବିଶ୍ୱ ଯକ୍ଷ୍ମା ଦିବସ ଅବସରରେ ଏହାର ମୂଳପ୍ରୋଟନ ପାଇଁ ସମସ୍ତେ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱ ପ୍ରତି ଗୁରୁତ୍ୱ ପ୍ରଦାନ କରିବା।

# କୃଷ୍ଣଦାସପୁରରେ ତ୍ରିଦିବସୀୟ ବାଦିପାଲା

ଭୁବନେଶ୍ୱର (ପିଏନ୍): ଆଧୁନିକତାର ପ୍ରଭାବ ହେଉ କିମ୍ବା ଓଡିଶା ଲୋକଙ୍କ ଅବହେଳା କାରଣରୁ ଓଡିଆ ପାଲା ସଂସ୍କୃତି ଲୋପ ହେବାକୁ ବସିଛି। ଏଭଳି ସମୟରେ ଏହାର ପୁନରୁଦ୍ଧାର ପ୍ରତ୍ୟେକ ଓଡିଆଙ୍କର କର୍ତ୍ତବ୍ୟ ବୋଲି କୃଷ୍ଣଦାସପୁର ଗ୍ରାମ ପଞ୍ଚାୟତର ମୁରବୀମାନେ କହିଛନ୍ତି। ବାଲୁଙ୍କେଶ୍ୱର ଜାଗରଯାତ୍ରା କମିଟି ପକ୍ଷରୁ ଆୟୋଜିତ ତ୍ରିଦିବସୀୟ ବାଦିପାଲାରେ ଗାୟକ ଭାବେ ମାଳିକା ସମ୍ରାଟ ନେତ୍ରାନନ୍ଦ ଦାସ (ଛତିଆବଟ), ରସ ସାଗର କୁଳମଣି ପଣ୍ଡା (ବିଡାନାସୀ, କଟକ) ଯୋଗଦେଇ ମାଳିକା ଉପରେ ପାଲା ପରିବେଷଣ କରିଥିଲେ। କଳିଯୁଗରେ ଲୋକ କିଭଳି ଅତ୍ୟାଚାରୀ ହେଉଛି ଏବଂ ନିଜ ନିଜର କର୍ତ୍ତବ୍ୟକୁ ଭୁଲିଯିବେ ତାହା ବହୁପୂର୍ବରୁ ମହାପୁରୁଷ ଅଚ୍ୟୁତାନନ୍ଦ, ହାଡିଦାସ ଓ ଯଶବନ୍ତ ଲେଖିଯାଇଛନ୍ତି। ତାହାକୁ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇ ସମସ୍ତଙ୍କୁ ସତର୍କ ରହିବାକୁ ମାଳିକାରେ ବର୍ଣ୍ଣିତ ରହିଛି। ହଜାର ହଜାର ଶ୍ରୋତାଙ୍କ ଗହଣରେ ଦୁଇ ପାଲା ଗାୟକ ମାଳିକାକୁ ନେଇ ପାଲା ପରିବେଷଣ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୃଷ୍ଣଦାସପୁରରେ ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ଆରମ୍ଭ କରିଥିଲେ ସ୍ୱର୍ଗତଃ କୈଳାସ ଚନ୍ଦ୍ର ରଥ ଏବଂ ସ୍ୱର୍ଗତଃ ସରୋଜ ବେହେରା। ପରବର୍ତ୍ତୀ ସମୟରେ ସେମାନଙ୍କ ଦାୟାଦ କଳିଙ୍ଗ କେଶରୀ ରଥ ଏବଂ ବିଧାନ ମନୋହର ଏହାର ଆୟୋଜନ ଦାୟିତ୍ୱ ବୁଝୁଛନ୍ତି। ଚଳିତବର୍ଷ କମିଟି ପକ୍ଷରୁ କରୁଣାକର ଗୋଛାୟତ, ସରୋଜ କମାର ପଣ୍ଡା, ବୃନ୍ଦାବନ ସାମଲ, ଅନାମ ଚରଣ ନନ୍ଦ, ଚିତ୍ତରଂଜନ ସ୍ୱାଇଁ ଏବଂ ହାଡିବନ୍ଧୁ ପାଣି କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଗ୍ରାମବାସୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଶ୍ରୀଶ୍ରୀ ଗୋପୀନାଥ ଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ନିଆଳି (ପିଏନ୍)-ନରିଶୋ ଗ୍ରାମର ଅରାଧ୍ୟ ଦେବତା ଶ୍ରୀଶ୍ରୀଗୋପୀନାଥ ଦେବଙ୍କ ନୂତନ ମନ୍ଦିର ଓ ପାର୍ଶ୍ୱଦେବତା ପ୍ରତିଷ୍ଠା କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଇଛି। ଅଧିବାସ ଧାନ୍ୟାଧିବାସ କଳସ ଯାତ୍ରା ଘଟ ସ୍ଥାପନ, ଅଗ୍ନି ସ୍ଥାପନ ଦେବତା ଆବାହନ ନ୍ୟାସ ସୂର୍ଯ୍ୟପୂଜା ଧେନୁପୂଜା ଦେବତାଙ୍କ ଗ୍ରାମ ପରିକ୍ରମା, ବାସ୍ତୁହୋମ ପତାକା ସ୍ଥାପନ ଦେବତାଙ୍କ ମନ୍ଦିର ପ୍ରବେଶ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟ ଯଥାରିତିରେ କରାଯାଇଛି। ଗ୍ରାମବାସୀ ଙ୍କ ପୂର୍ଣ୍ଣ ସହଯୋଗରେ ସମସ୍ତକାର୍ଯ୍ୟ ଯଥାରିତିରେ କରାଯାଇଛି। ଶେଷ ଦିବସ ସଂଧ୍ୟାରେ ଅନୁସୟା ନାଥ, ରବିନ୍ଦ୍ର କୁମାର ମହାପାତ୍ର ଓ ଦୁଃଖିଶ୍ୟାମ ତ୍ରିପାଠୀ ଆଦି ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଛି। ରବିବାରଠାରୁ ବୁଧବାର ପର୍ଯ୍ୟନ୍ତ ଚାରିଦିନଧରି ଗ୍ରାମରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି଼ ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀରେ ଏ.ଆ।ଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି। ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ। ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି। ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ। ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ। ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ। ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ।

2024-2025



ADMISSION OPEN
Maharishi Public School, Baripada

STD-NURSERY TO VIII
ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ□ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

## ଆଶାସାଥି ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା,(ପିଏନ)-ଭାରତୀୟ ମଜଦୁର ସଂଘ ସଂଲଗ୍ନ ରାଜ୍ୟ ଆଶାସାଥି ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ୮ଦଫା ଦାବି ପୂରଣ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ପ୍ରଭାତ ପାଣି, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ ଓ ଅରୁଣ କୁମାର ସିଂହଙ୍କ ସମେତ ଆଶାସାଥି ସଭାପତି ମଞ୍ଜୁଲତା ସାମଲ, ସଂପାଦିକା ରାଜଲକ୍ଷ୍ମୀ ସୁତାର, ମଧୁସ୍ମିତା ଓଝା, ସୁଜାତା ରାଉତ ଓ ମନୋରମା ମହାପାତ୍ର ପ୍ରମୁଖ ଜିଲ୍ଲାପାଳ ସମର୍ଥ ବର୍ମାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

ଦାବି ଗୁଡିକ ମଧ୍ୟରୁ ଆଶାସାଥି ମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ର ସରକାରଙ୍କ ଘୋଷଣା ଅନୁଯାୟୀ ମାସିକ ୬ ହଜାର ଟଙ୍କା ପ୍ରଦାନ, ସାଥି ମାନଙ୍କ ପାଇଁ ଡ୍ରେସ୍ କୋଡ ଲାଗୁ କରିବା, ଦକ୍ଷତା ବୃଦ୍ଧି ପାଇଁ ତାଲିମ ଦେବା, ଆଶାସାଥି ମାନଙ୍କୁ ବୀମା ଭୁକ୍ତ କରି ମୃତ୍ୟୁକାଳୀନ ସହାୟତା ପ୍ରଦାନ କରିବା, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା ଓ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଲାଗୁ କରିବା, ଆୟୁଷ୍ମାନ ଭାରତ ଚିକିତ୍ସା ବୀମାରେ ଆଶାସାଥିଙ୍କୁ ଅର୍ନ୍ତଭୁକ୍ତ କରିବା ଓ କୋଭିଡ-୧୯ ଯୋଦ୍ଧା ଭାବେ ଏମାନଙ୍କୁ ପ୍ରୋତ୍ସାହନ ରାଶି ଓ ସୁରକ୍ଷା ପ୍ରଦାନ କରିବା ଆଦି ପ୍ରମୁଖ ଦାବି ରହିଛି ।

## ସ୍କର୍ପିଓ ଧକ୍କାରେ ଦୁଇ ସ୍କୁଟି ଆରୋହୀ ଆହତ

କୋରେଇ,(ପିଏନ)- ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ତୁଳସୀ ପେଟ୍ରୋଲ ପମ୍ପ ନିକଟରେ ଭୁବନେଶ୍ୱରରୁ ନିଜଗ୍ରାମ କେଉଁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ବାଇଁଶିରା ଗ୍ରାମକୁ ଏକ ସ୍କୁଟି( ଓଡ଼ି୩୩କେ୨୭୭୭)ରେ ଯାଉଥିବା ଦାମୁ ଚମ୍ପିଆଙ୍କ ଦୁଇ ପୁଅ କେଦାର ଓ କୀର୍ତନଙ୍କୁ ଏକ ଦ୍ରୁତଗାମୀ ସ୍କର୍ପିଓ ସାଇଡ଼ ମାରିଦେବାରୁ ଦୁଇ ଭାଇ ରାସ୍ତା ଡ଼ିଭାଇଡ଼ର ଉପରେ ପଡ଼ି ଆହତ ହୋଇଥିଲେ ।

## ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

## ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ-୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜନ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

## ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Monday May 27, 2024 ଭୁବନେଶ୍ୱର ସୋମବାର, ମଇ ୨୭,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ବିଏମ୍ ହାଇସ୍କୁଲରେ ଶୁଭଶ୍ରୀ ଲେଙ୍କା ପ୍ରଥମ, ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, (ପି.ଏନ): ବିଏମ୍ ହାଇସ୍କୁଲରେ ସମୁଦାୟ ୧୯୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେଥି ମଧ୍ୟରୁ ୧୯୮ଜଣ ପାସ୍ ହୋଇଛନ୍ତି। ସେଥିମଧ୍ୟରୁ ଏ-୨ରେ ୧୩ଜଣ, ବି-୧ରେ ୩୧ଜଣ, ବି-୨ରେ ୨୯ଜଣ, ସିରେ ୫୧ଜଣ, ଇରେ ୩୨ଜଣ ରହିଛନ୍ତି। ଶୁଭଶ୍ରୀ ଲେଙ୍କା ୫୫୧ନମ୍ବରରେ ଶତକଡା ୯୨ନମ୍ବର ରଖିଥିବା ବେଳେ ଶୁଭଶ୍ରୀ ବେହେରା ୫୫୦ନମ୍ବରରେ ଶତକଡା ୯୦ଭାଗ ନମ୍ବର ରଖି ଉଭୟ ଗୌରବ ଆଣିଛନ୍ତି। ଏଥିପାଇଁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଅତିଥି ଭାବେ ପୁରାତନ ଛାତ୍ର ଡ ଲିଙ୍ଗରାଜ ସାହୁ ଓ ବିଦ୍ୟାଳୟ ପରିଚାଳଣା କମିଟି ସଭାପତି ଲକ୍ଷ୍ମଣ ବାରିକ୍? ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ ପ୍ରଭାତ କୁମାର ରଥ, ଜାନକୀ ବଲ୍ଲଭ ମିଶ୍ର, , ବିଶ୍ୱଜିତା ମିଶ୍ର, ଅନ୍ନପୂର୍ଣ୍ଣା ଦାଶ, ମିତ୍ର ରଞ୍ଜନ ଦାଶ, ରଶ୍ମିତା ସାହୁ, ଦମୟନ୍ତି ବେହେରା, ଇତିଶ୍ରୀ ଆରଧନା, ମଧୁଲିତା ବେହେରା, ଧରିତ୍ରୀ ଦାଶ, ରଶ୍ମିତା ମହାନ୍ତି, ଅପରାଜିତା ସାହୁ, ମିନାକ୍ଷି ପଟ୍ଟନାୟକ, ଆକାଙ୍କା ତିପାଠୀ, ମନୋରମା ମୁଦୁଲି ପ୍ରଭୃତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



# ହରିଶଙ୍କରରେ ସ୍ୱଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ

ଖପ୍ରାଖୋଲ,(ପିଏନ/ଭୋଜରାଜ ବରିହା) ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ରେ ସ୍ୱଛତା ସଚେତନତା ଓ ସଫେଇ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ସଙ୍ଗଠିତ ଭାବରେ ମାର୍କେଟ ପାଖ ରାସ୍ତା କଡ଼ରୁ, ଲିଚୁ ବଗିଚ଼ା, ଡିଅର ପାର୍କ, ଏସ ଏମ ଇ ପାର୍କ ପାଖ ଆଦି ସଫେଇ କରିବା ସହ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ। ଦୁଇ ଦିନ ତଳେ ନୃସିଂହ ଚ଼ତୁର୍ଦ୍ଦଶୀ ବୈଶାଖ ମେଳା ଶେଷ ହୋଇଥିବା ବେଳେ ଲକ୍ଷାଧିକ ଲୋକଙ୍କ ଭିଡ଼ ହୋଇଥିଲା। ଶତାଧିକ ଦୋକାନ ବଜାର ବସିଥିଲା ଯାହାଫଳରେ ଅନେକ ବର୍ଯ୍ୟ ବସ୍ତୁ ପାଇଁ ପରିବେଶ ମଇଳା ହୋଇ ପଡ଼ିଥିଲା। ସଫେଇ କାର୍ଯ୍ୟକ୍ରମ ରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ହରିଶଙ୍କର ବାନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକ, ଅଗ୍ନିଶମ ଅଧିକାରୀ ଜୟ ଗୋପାଳ ପଣ୍ଡା,ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ଫାଣ୍ଡି ଅଧିକାରୀ ସେବନ କେରେକେଟା, ହରିଶଙ୍କର ମନ୍ଦିର ପରିଚ଼ାଳକ ଗୁପ୍ତ?ଶ୍ୱର କୁଅଁର, ଖପ୍ରାଖୋଲ ପ୍ରେସ କ୍ଲବ ସଦସ୍ୟ ଅଭୟ ତ୍ରିପାଠୀ, ତାପସ ବେହେରା, ଉମାକାନ୍ତ ପ୍ରଧାନ, ମନୋଜ ଦାସ, ସରୋଜ ମିଶ୍ର, ଭୋଜରାଜ ବରିହା, ସରୋଜ ସାହୁ, ସବ କମିଟି ସଦସ୍ୟ କ୍ଷମା ନିଧି ଭୋଇ , ଶତୃଘ୍ନ ନାଏକ, ଗଜ ନାଗ, ବଳରାମ ବେହେରା, ପଞ୍ଚମ ପ୍ରଧାନ , ତୁଳା ବରିହା, ପ୍ରମୁଖ ଦେବୋତ୍ତର କର୍ମଚ଼ାରୀ, ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ସେହିପରି ଯୁବକୁଲତା ସମାଜ ତରଫରୁ ଅକ୍ଷୟ ପ୍ରଧାନ ଙ୍କ ନେତୃତ୍ୱରେ ଅନ୍ନ ଛତ୍ର ସ୍ଥଳୀ ସଫେଇ କରିଥିଲେ।



# ପ୍ରଣବଙ୍କ ପାଇଁ ଡେମୋ ଇଭିଏମ୍‌ରେ ମତଦାନ ସଚେତନତା

ଧର୍ମଶାଳା, (ପିଏନ୍): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବିଜେଡ଼ି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବ'ରାୟଙ୍କୁ ଇଭିଏମ୍‌ର ୩ ନମ୍ବର କ୍ରମିକ ସଂଖ୍ୟାରେ ଥିବା ଶଙ୍ଖ ଚିହ୍ନରେ ଭୋଟ୍ ଦେବାପାଇଁ ଧର୍ମଶାଳା ବିଜୁ ଯୁବ ଜନତା ଦଳ ପକ୍ଷରୁ ଆଜି ସଚେତନତା ସୃଷ୍ଟି କରାଯାଇଛି । ବ୍ଲକ୍ ଯୁବ ବିଜେଡ଼ି ସଭାପତି କ୍ଷିତୀଶ କୁମାର ନାୟକଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତା ୫୪ଟି ପଂଚାୟତରେ ଘରକୁ ଘର ଯାଇ ଜୁନ୍ ୧ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ଇଭିଏମ୍‌ରେ କିପରି ଭୋଟ୍ ଦେବେ ଏନେଇ ଭୋଟରମାନଙ୍କୁ ଡେମୋ ଦେଖାଇ ଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗ୍ୟାରେ◻ କାର୍ଡ ପ୍ରତ୍ୟେକ ଘରେ ଘରେ ପହଂଚାଇବା ସହିତ ଜୁଲାଇ ମାସଠାରୁ ୨୦ ପ୍ରତିଶତ ପରିବାରକୁ ବିଜୁଳି ମାଗଣାରେ ମିଳିବା ବାର୍ତା ଦେଇଥିଲେ। ବିଶେଷ କରି ନୂତନ ଭୋଟରମାନେ ଅଧିକ ଉତ୍ସାହ ସହକାରେ କିପରି ଇଭିଏମ୍‌ରେ ଭୋଟ୍ ଦିଆଯିବ ଏହାର ଡେମୋ ଦେଖିଥିଲେ । ଯୋଡି ଶଙ୍ଖରେ ଗୋଟିଏ ଭୋଟ୍ ବିଧାୟକ ଶ୍ରୀ ବଳବ'ରାୟଙ୍କୁ ଆଉ ଗୋଟେ ଭୋଟ୍ ସାଂସଦ ଶର୍ମିଷ୍ଠା ସେଠୀଙ୍କୁ ଦେବାପାଇଁ ଯୁବ କର୍ମକର୍ତାମାନେ ନିବେଦନ କରିଥିଲେ । ଏଥିରେ ବିଭିନ୍ନ ପଂଚାୟତର ଯୁବ କର୍ମକର୍ତା ସହଯୋଗ କରିଥିଲେ । ବିଜେଡ଼ି ପ୍ରାର୍ଥୀଙ୍କୁ ବିପୁଳ ଭୋଟ୍ ବ୍ୟବଧାନରେ ଜୟଯୁକ୍ତ କରିବା ସହିତ ଧର୍ମଶାଳା ବିକାଶକୁ ଆଗେଇ ନେବା ପାଇଁ ନିବେଦନ କରାଯାଇଥିଲା । ନିର୍ବାଚନ ମଣ୍ଡଳୀର ୬୧ ହଜାର ପରିବାରଙ୍କୁ ଭେଟି ଇଭିଏମ୍‌ରେ ଡେମୋ ଦେଖାଇବାର କାର୍ଯ୍ୟକ୍ରମ ରହିଥିବା ଯୁବ ସଭାପତି ଶ୍ରୀ ନାୟକ ସୂଚନା ଦେଇଥିଲେ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବିଜେଡିର ଆଜି ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ନିର୍ବାଚନମଣ୍ଡଳୀ ଜାରକାସ୍ଥିତ ବିଜୁ ଜନତା କାର୍ଯ୍ୟାଳୟଠାରେ ଆୟୋଜିତ ମିଶ୍ରଣ ପର୍ବରେ ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବ'ରାୟ ଯୋଗଦେଇ ଦଳରେ ସମିଲ ହୋଇଥିବା କର୍ମୀମାନଙ୍କୁ ଦଳୀୟ ଉତରୀୟ ଦେଇ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବ'ରାୟଙ୍କ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବଡକାଏମା ଗ୍ରାମ ପଂଚାୟତର ବିଜେପି କର୍ମୀ ହରିହର ରାଉତ, ଜଗବନ୍ଧୁ ରାଉତ, କୈଳାସ ପଣ୍ଡା, ଆଲୋକ ବେହେରା, ବଳରାମ ରାଉତ, ତପନ ବରାଳ, ସଂଗ୍ରାମ କେଶରୀ ବରାଳ, ଅସିତ ସାହୁ, ବିକ୍ରମ ରାଉତ, ଜତିନ୍ ବରାଳ, ଚନ୍ଦ୍ରକାନ୍ତ ରାଉତ, ଚନ୍ଦନ ତରାଇ, ଶ୍ୟାମସୁନ୍ଦର ସାହୁ, ଲାଲୁପ୍ରସାଦ ରାଉତ, ସମରେନ୍ଦ୍ର ରାଉତ, ଅରୁଣ ବରାଳ, ପିତାମ୍ବର ରାଉତଙ୍କ ସମେତ ୩୦ ରୁ ଉର୍ଦ୍ଧ୍ୱ ବିଜେପି ଦଳର କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ୧୪ନଂ ଜୋନ ଜିଲ୍ଲାପରିଷ ଜଳଧର ମହାନ୍ତି, ବଡକାଏମା ପଂଚାୟତ ବିଜେଡି ସଭାପତି ବ୍ରହ୍ମାନନ୍ଦ ରାଉତ, ବରିଷ୍ଠ ନେତା ବଟକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜୁନ୍ ୧ରେ ମତଦାନ ପାଇଁ ଇଭିଏମ୍ ପ୍ରସ୍ତୁତ



କେନ୍ଦ୍ରାପଡ଼ା, (ପି.ଏନ): ଜିଲ୍ଲାରେ ଜୁନ୍ ୧ ତାରିଖରେ ଭୋଟ୍‌ଗ୍ରହଣ ପାଇଁ ଇଭିଏମ୍ ମେସିନ୍‌ର କମିସନିଂ କାର୍ଯ୍ୟ ଶେଷ ହୋଇଛି। ଭାରତର ନିର୍ବାଚନ ଆୟୋଗଙ୍କ ନିୟମାନୁସାରେ ସାଧାରଣ ପର୍ଯ୍ୟବେକ୍ଷକ ଭରତ କୁମାର ଭାସବା ଓ ସାକେତ ମାଳବିୟଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ, ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏବଂ ରିଟର୍ଣ୍ଣିଂ ଅଫିସରମାନଙ୍କ ପରିଚାଳନାରେ ଚୂଡ଼ାନ୍ତ ଇଭିଏମ୍ କମିସନିଂ କାର୍ଯ୍ୟ ସମ୍ପାଦିତ ହୋଇଛି। କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ କେନ୍ଦ୍ରାପଡ଼ା ଲୋକସଭା ଆସନର ରିଟର୍ଣ୍ଣିଂ ଅଫିସର ସୂର୍ଯ୍ୟବଂଶୀ ମୟୂର ବିକାଶ, ପାଟକୁରା ଓ କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶଙ୍କ ପରିଚାଳନାରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା କମିସନିଂ କାର୍ଯ୍ୟ ଶେଷ ହୋଇଛି। ପ୍ରାର୍ଥୀଙ୍କ ପ୍ରତିନିଧି, ରିଟର୍ଣ୍ଣିଂ ଅଫିସର, ସଶସ୍ତ୍ର ପୋଲିସ ଉପସ୍ଥିତିରେ ଭିଡିଓଗ୍ରାଫି କରାଯାଇ ଷ୍ଟ୍ରଙ୍ଗ୍‌ରୁମ୍ ଖୋଲାଯାଇଥିଲା। ଇଭିଏମ୍ ଗୁଡ଼ିକର ବାଲାଟ୍ ୟୁନିଟ୍, କଂଟ୍ରୋଲ୍ ୟୁନିଟ୍ ଓ ଭିଭିପାଟ ଆଣିବା ପରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କ ବାଲାଟ୍ ପେପର୍ ସେଟିଂ କରିବା, ରିଟର୍ଣ୍ଣିଂ ଅଫିସରଙ୍କ ଦସ୍ତଖତରେ ଆଡ୍ରେସ୍ ଟ୍ୟାଗ୍ କରିବା, ଯେତିକି ଜଣ ପ୍ରାର୍ଥୀ ଓ ଗୋଟିଏ ନୋଟାକୁ ମିଶାଇ ସେତିକି ପ୍ରାର୍ଥୀଙ୍କ ବାଲାଟ୍ ବଟନ୍ ବ୍ୟବହାର କରିବା ନିମନ୍ତେ ରଖି ଅନ୍ୟ ବଟନକୁ ବ୍ୟବହାର ଅଯୋଗ୍ୟ କରିବା, ବାଲାଟ୍ ୟୁନିଟ୍‌ର ଉପର ଓ ତଳମୁଣ୍ଡ ବଟନ୍‌କୁ ନଛୁଇଁ ପେପର ସିଲ୍ କରିବା ଓ ଆଡ୍ରେସ୍ ଟ୍ୟାଗ୍ ଲଗାଇବା, କଂଟ୍ରୋଲ୍ ୟୁନିଟ୍‌ରେ ବ୍ୟାଟେରୀ ସେଟ୍ କରିବା ଓ ପ୍ରତ୍ୟେକ ଆଡ୍ରେସ୍ ଟ୍ୟାଗ୍‌ରେ ଜଉମୁଦ ସିଲ୍ କରିବା ଓ ଭିଭିପାଟ୍ ଉପରେ ସମସ୍ତ ବିଧି ଅନୁଯାୟୀ କମିସନିଂ କରାଯାଇଥିଲା। ଶେଷରେ ରିଟର୍ଣ୍ଣିଂ ଅଫିସରଙ୍କ ପରିଚାଳନାରେ ପ୍ରାର୍ଥୀଙ୍କ ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏକ ହଜାର ଲେଖାଏଁ ମକ୍ ପୋଲ୍

# ମାଟ୍ରିକ୍ ପରୀକ୍ଷାରେ ଧର୍ମଶାଳା ବ୍ଲକ୍‌ରେ ପାସ ହାର ୯୭.୪୭

ଧର୍ମଶାଳା, (ପିଏନ୍): ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାର ପରିଚାଳିତ ମ୍ୟାଟ୍ରକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି । ମ୍ୟାଟ୍ରିକ ପରୀକ୍ଷାରେ ରାଜ୍ୟରେ ପାସ ହାର ୯୬.୦୭ରହିଥିବା ବେଳେ ଧର୍ମଶାଳା ବ୍ଲକରେ ୯୭.୪୭ ପ୍ରତିଶତ ପରୀକ୍ଷାର୍ଥୀ ପାସ କରିଛନ୍ତି । ଧର୍ମଶାଳା ବ୍ଲକର ୫୪ ଗୋଟି ହାଇସ୍କୁଲର ୨୮୮୭ ଜଣ ପରୀକ୍ଷାର୍ଥୀ ୧୮ ଗୋଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ୨୮୧୪ଜଣ ପାସ କରିଛନ୍ତି । ସେହିପରି ମଧ୍ୟମା ପରୀକ୍ଷାରେ ୧୦୩ଜଣଙ୍କ ମଧ୍ୟରୁ ୯୪.୧୭ ପ୍ରତିଶତ ହାରରେ ୯୭ଜଣ ପାସ କରିଛନ୍ତି । ଜାରକା ହାଇସ୍କୁଲ, ଜାରକାସ୍ଥିତ ବିବେକାନନ୍ଦ ହାଇସ୍କୁଲ ଓ ଗଙ୍ଗାଧରପୁରସ୍ଥିତ ପତିତପାବନ ହାଇସ୍କୁଲର ଶତପ୍ରତିଶତ ପରୀକ୍ଷାର୍ଥୀ ପାସ କରିଥିବା ଜଣାଯାଇଛି । ବିବେକାନନ୍ଦ ହାଇସ୍କୁଲର ୨୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ହିତେଶ କୁମାର ରାଉତ ୫୪୨ ନମ୍ବର ରଖି ଏ-୧ ହୋଇଥିବା ବେଳେ ବି୨ରେ ଜଣେ ଚରେ ୧୦ଜଣ, ଡିରେ ୯ଜଣ ଓ ଇରେ ୪ଜଣ ପାସ କରିଛନ୍ତି । ଆରୁହା ହାଇସ୍କୁଲରେ ୬୩ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ-୧ରେ ସ୍ମିତି ପ୍ରଜ୍ଞା ବେହେରା-୫୪୨, ଶୁଭଶ୍ରୀ ୫୦୪ ନମ୍ବର ରଖି ଏ-୧ରେ ପାସ କରିଥିବା ବେଳେ ଏ-୨ରେ ୫ଜଣ, ବି-୧ରେ ୨୧ , ବି-୨ରେ ୨୨, ସି-ରେ ୭, ଡି-ରେ ୩ ଓ ଇ-ରେ ୨ଜଣ ପାସ କରିଛନ୍ତି । କାଏମାସ୍ଥିତ ଲାଲବାହାଦୁର ହାଇସ୍କୁଲରେ ୯୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଗତି ବି ମଣ୍ଡଳ ୫୫୨ ନମ୍ବର ରଖି ବ୍ଲକରେ ସର୍ବାଧିକ ନମ୍ବର ରଖି ଏ-୧ରେପାସ କରିଥିବା ବେଳେ, ଏ-୨ରେ ଜଣେ, ବି-୧ରେ ୨, ବି-୨ରେ ୭, ସିରେ ୧୬, ଡି-ରେ ୩, ଇରେ-୨୩ଜଣ ପାସ କରିଛନ୍ତି । ଦାମୋଦର ବିଦ୍ୟାପୀଠ, ଅଚ୍ୟୁତପୁରର ୫୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩ ଜଣ ପାସ କରିଛନ୍ତି । ଏ-୧ରେ ବରୁଣ କୁମାର କର ୫୪୩ ଓ ସୁଲଗ୍ନା ଖଟୁଆ ୫୪୦ ନମ୍ବର ରଖିଥିବା ବେଳେ ବି-୧ରେ ୩, ବି-୨ରେ ୬ ଜଣ , ସି-ରେ ୧୨ଜଣ, ଡି-ରେ -୨୧ଜଣ ଓ ଇ-ରେ-୨୧ଜଣ ପାସ କରିଛନ୍ତି । ଧର୍ମଶାଳା ବାଣୀପୀଠରେ ୧୩୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୩୭ଜଣ ପାସ କରିଛନ୍ତି । ଏ-୨ରେ ୨, ବି-୧ରେ ୩, ବି-୨ରେ ୧୩, ସି-ରେ ୩୨, ଡି-ରେ ୫୫ ଓ ଇ-ରେ ୩୨ ଜଣ ପାସ କରିଛନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray